## ସଂକ୍ଷେପରେ

### ଜୁଆ ଆଡ୍ଡାରେ ଚଢ଼ାଉ: ୫ ଗିରଫ

ଆସିକା,୩୦।୯(ଡି.ଏନ୍.ଏ.): ଆସିକା ଥାନା ବାଲିଛାଇ ଗ୍ରାମରେ ଚାଲିଥିବା ଏକ ଜୁଆଆଡ୍ଡାରେ ଶନିବାର ରାତିରେ ପୋଲିସ ଚଢ଼ାଉ କରିଥିଲା। ଏହି ଜୁଆଆଡ୍ଡାରୁ ୫ଜଣ ଜୁଆଡିଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ପୋଲିସ ନଗଦ ୨୫ ହଜାର ୧ଶହ ଟଙ୍କା, ୨ଟି ବାଇକ୍ ଓ ୪ଟି ମୋବାଇଲ୍ ଫୋନ ଜବତ କରିଛି। ଗିରଫ ଅଭିଯୁକ୍ତମାନେ କେ.ନୂଆପଲ୍ଲୀ, ଢଉଗାଁ, ଆସିକା ଖମ୍ବେଶ୍ୱରୀପାଟଣା ଆଦି ଅଞ୍ଚଳର। ଘଟଣା ସମ୍ପର୍କରେ ଆସିକା ଥାନାରେ ନଂ.୩୦୮/୧୮ରେ ଏକ ମାମଲା ରୁଜୁ କରାଯାଇଥିବା ଆଇଆଇସି ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି।

### ଚାନ୍ଦା, ବଟି ରୋକିବାକୁ ପୋଲିସର ତତ୍ପରତା

ଆସିକା,୩୦।୯(ଡି.ଏନ୍.ଏ.): ଆଗକୁ ପାର୍ବଣ ଋତୁ ଆସୁଥିବାବେଳେ ଆସିକା ଅଞ୍ଚଳରେ ଚାନ୍ଦା ଓ ବଟି ଉପରେ କଟକଣା ଲାଗି ପୋଲିସ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ରବିବାର ଆସିକା ପୋଲିସ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ଆସିକା ସହର ଓ ଆଖପାଖ ଗ୍ରାମାଞ୍ଚଳରେ ପ୍ରଚାର କରାଯାଇ ଜନସାଧାରଣଙ୍କୁ ଏଥିରୁ ନିବୃତ୍ତ ରହିବା ଲାଗି ନିବେଦନ କରାଯାଇଛି। ଜେଲ୍ ଭିତରେ କିମ୍ବା ବାହାରେ ଥାଇ କୌଣସି ଅସାମାଜିକ ବ୍ୟକ୍ତି ଚାନ୍ଦା ଓ ବଟି ଲାଗି ଫୋନ୍ ଦ୍ୱାରା ଧମକ ଦେଲେ ଏଥିରେ ଖାତିର ନ କରି ସ୍ଥାନୀୟ ପୋଲିସ ଦୃଷ୍ଟିକୁ ଆଣିବା ଲାଗି ନିବେଦନ କରାଯାଇଛି। ପୋଲିସକୁ ସୂଚନା ଦେବା ବ୍ୟକ୍ତିଙ୍କ ନାମ ଗୋପନ ରଖାଯିବ ବୋଲି ପୋଲିସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିବା ବେଳେ ପୋଲିସ ସହ ସିଧାସଳଖ ସମ୍ପର୍କ ସ୍ଥାପନ ଲାଗି ନଂ.୦୬୮୨୨୨୭୩୬୨୨ ଓ ୯୪୩୮୯୧୬୭୨୧ରେ ଫୋନ କରିବାକୁ ନିବେଦନ କରାଯାଇଛି। ସୂଚନା ଯୋଗ୍ୟ, ଗତ ୬ମାସ ଭିତରେ ଆସିକା ଥାନା ଇଲାକାରେ ୨୨ଟି ବଟି ଆଦାୟ ମାମଲା ରୁଜୁ କରାଯାଇଥିଲା ବେଳେ ସମସ୍ତ ଘଟଣାରେ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଗିରଫ ହୋଇଥିବା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି।

### ବାଲିଗୁଡ଼ାରେ ବିଜୁ ମହିଳା ଜନତା ଦଳର ମହାସମାବେଶ



ବାଲିଗୁଡା,୩୦।୯(ଡି.ଏନ୍.ଏ.): କନ୍ଧମାଳ ଜିଲା ବାଲିଗୁଡା ବିଜୁ ମହିଳା ଜନତା ଦଳର ମହାସମାବେଶ ଶନିବାର ଅନୁଷ୍ଠିତ ହୋଇଯାଇଛି। ବାଲିଗୁଡା ଏନ୍ଏସି ଅଧ୍ୟକ୍ଷା ମମତା ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାବେଶରେ ସ୍ଥାନୀୟ ବିଧାୟକ ରାଜୀବ ପାତ୍ର, ଜିଲା ବିଜେଡି ସଭାପତି ସରୋଜ କର୍ଣ୍ଣ, ପର୍ଯ୍ୟବେକ୍ଷକ ବିକ୍ରମ ପଣ୍ଡା, ରାଜ୍ୟ ମହିଳା ବିଜେଡି ସମ୍ପାଦିକା ଜାଲିନା ପ୍ରିୟଦର୍ଶିନୀ, ଜିଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ, ଜିଲା ମହିଳା ବିଜେଡି ସଭାପତି ଅନିମା କହଁର, ମହିଳା ସଙ୍ଗଠିକା ନନ୍ଦିନୀ ମଲିକଙ୍କ ସମେତ ବିଜେଡିର ବହୁ କର୍ମୀ ଉପସ୍ଥିତ ରହି ମହିଳାମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବୁଝାଇଥିଲେ। ପରେ ଆଗାମୀ ନିର୍ବାଚନରେ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରି ପୁଣି କିପରି ବାଜିମାତ୍ କରିପାରିବେ, ସେ ନେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏନ୍ଏସି ଅଧ୍ୟକ୍ଷା ବେହେରା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

### ଆମ ପୋଲିସ ସମିତି ବୈଠକ



କବିସୂର୍ଯ୍ୟନଗର,୩୦।୯: କବିସୂର୍ଯ୍ୟନଗର ବନଦେବୀ ମନ୍ଦିର ପ୍ରାଙ୍ଗଣରେ ଥାନାଧିକାରୀ ବୀଭତ୍ସ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁ ଗାଳ୍ପିକ ବିପିନ ବିହାରୀ ଶତପଥୀ, ଶିକ୍ଷାବିତ କାଳୁ ଚରଣ ତ୍ରିପାଠୀ, ଗଣପତି ସାହୁ, ରାମନାଥ ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ସାମ୍ପ୍ରତିକ ଟ୍ରାଫିକ ସମସ୍ୟା, ଗୁଣି ଗାରେଡ଼ି ବିଶ୍ୱାସ, ନାବାଳିକା ପ୍ରତି ଦୁର୍ବ୍ୟବହାର ରୋକିବା, ସୋସିଆଲ ମିଡିଆରେ ମୋମୋ ଗେମ୍ର କୁପ୍ରଭାବ, ହ୍ୱାଟସଆପ୍ ଓ ଫେସବୁକ୍ରେ ଅଶ୍ଳୀଳ ଇଙ୍ଗିତ ଉପରେ ଅତିଥି ଆଲୋକପାତ କରିଥିଲେ। ବୈଠକରେ ଆମ ପୋଲିସ ସମିତି ସଭ୍ୟବୃନ୍ଦ ଉପସ୍ଥିତ ଥିଲେ।

■ ବୁଗୁଡ଼ା ପୌର ପରିଷଦ କାର୍ଯ୍ୟକାଳ ସରିଲା

# ଖୋଲିଲା ନାହିଁ ଅନାସ୍ଥା ପ୍ରସ୍ତାବ ଭୋଟବାକ୍ସ

■ ୫ବର୍ଷ ଶାସନରେ ରହିଲେ ନେତା
■ ସମାଧାନ ହେଲାନି ଲୋକଙ୍କ ସମସ୍ୟା

ବୁଗୁଡ଼ା,୩୦।୯(ଡି.ଏନ.ଏ.)

ବୁଗୁଡ଼ା ପୌର ପରିଷଦ କାର୍ଯ୍ୟକାଳ ଶନିବାର ଶେଷ ହୋଇଯାଇଛି। ଫଳରେ ନିର୍ବାଚିତ ପ୍ରତିନିଧିମାନେ ରବିବାରଠାରୁ ଆଉ କୌଣସି କାର୍ଯ୍ୟ କରିପାରିବେ ନାହିଁ। ତେବେ ପୌର ପରିଷଦର କାର୍ଯ୍ୟ ସରିଗଲା ସିନା ଆଜି ପର୍ଯ୍ୟନ୍ତ ଅନାସ୍ଥା ପ୍ରସ୍ତାବ ଭୋଟବାକ୍ସ ଖୋଲି ପାରିଲା ନାହିଁ। ଏହା ଏବେ ସାଧାରଣରେ ଏକ ଆଲୋଚନା ଓ ଚର୍ଚ୍ଚାର ବିଷୟ ପାଲଟିଛି। ୨୦୧୩ ସେପ୍ଟେମ୍ବରରେ ପୌରପରିଷଦ ନିର୍ବାଚନରେ ଗଞ୍ଜାମ ଜିଲାର ଅନ୍ୟ ସମସ୍ତ ପୌର ପରିଷଦ ବିଜେଡି ହାତକୁ ଯାଇଥିବା ବେଳେ କେବଳ ବୁଗୁଡ଼ା ପୌର ପରିଷଦ କଂଗ୍ରେସ ହାତକୁ ଯାଇଥିଲା। କଂଗ୍ରେସ କବ୍ଜାରେ ଥାଇ ବୁଗୁଡ଼ା ପୌର ପରିଷଦ ୪ ବର୍ଷ ଚାଲିଥିଲା। ପରେ ଦଳ ଭିତରେ ଅସନ୍ତୋଷ ଯୋଗୁ ୫ ଜଣ କଂଗ୍ରେସ କାଉନ୍ସିଲର ଦଳତ୍ୟାଗ କରି ବିଜେଡିରେ ସାମିଲ ହେଲେ। ଫଳରେ କଂଗ୍ରେସର ୫, ବିଜେଡିର ୩ ଓ ସ୍ୱାଧୀନ ୨ କାଉନ୍ସିଲର ଏଭଳି ୧୦ କାଉନସିଲର ମିଶି ତତ୍କାଳୀନ ଏନ୍ଏସି ଅଧକ୍ଷାଙ୍କୁ ହଟାଇବା ପାଇଁ ଉଦ୍ୟମ କଲେ। ଅଧକ୍ଷାଙ୍କ ବିରୋଧରେ ଏହି ୧୦ କାଉନ୍ସିଲର ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ। ପରେ ୧୧ ସେପ୍ଟେମ୍ବର ୨୦୧୭ରେ ବୁଗୁଡ଼ା ପୌର ପରିଷଦରେ ଅନାସ୍ଥା ପ୍ରସ୍ତାବ ଉପରେ ଭୋଟ ହେଲା। କିନ୍ତୁ ତା ପୂର୍ବରୁ ଅର୍ଥାତ୍ ୮ ସେପ୍ଟେମ୍ବର ୨୦୧୭ରେ ଅଧକ୍ଷା ଏନେଇ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଲେ। ଏହାକୁ ନେଇ ସଭ୍ୟମାନେ ଅନାସ୍ଥା ଭୋଟ ଦେଇପାରିବେ ସିନା, ଏହାର ଫଳାଫଳ ଘୋଷଣା ନ କରିବା ପାଇଁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଲେ। ଫଳରେ ଏନ୍ଏସି ଅଧକ୍ଷାଙ୍କ ପଦବୀ ସେବେଠୁ କାଏମ ରହିଲା ଏବଂ ଅଦ୍ୟାବଧି ଅନାସ୍ଥା ଭୋଟବାକ୍ସ ଖୋଲିଲା ନାହିଁ।

ଅପରପକ୍ଷରେ କଂଗ୍ରେସରୁ ଦଳତ୍ୟାଗ କରି ବିଜେଡିକୁ ଯାଇଥିବା ୪ ଜଣଙ୍କ ସଭ୍ୟ ପଦ ରଦ୍ଦ ହୋଇଥିଲେ ମଧ ସେମାନେ ମଧ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକ୍ରମେ ସେମାନଙ୍କର ସଭ୍ୟପଦଗୁଡ଼ିକୁ କାଏମ ରଖିବାରେ ସଫଳ ହେଲେ। ଫଳରେ ଏନ୍ଏସି ଅଧକ୍ଷା ୫ ବର୍ଷ ପର୍ଯ୍ୟନ୍ତ ବୁଗୁଡ଼ା ପୌର ପରିଷଦରେ କାର୍ଯ୍ୟ କରିବାର ସୁଯୋଗ ପାଇଥିବାବେଳେ କାଉନ୍ସିଲରମାନେ ମଧ ୫ ବର୍ଷ ସଭ୍ୟପଦକୁ କାଏମ ରଖିବାରେ ସଫଳ ହୋଇଥିଲେ। ପୌର ପରିଷଦ କାର୍ଯ୍ୟକାଳ ଶେଷ ହୋଇଗଲେ ମଧ ଅନାସ୍ଥା ଭୋଟ ବାକ୍ସ ଖୋଲି ପାରିଲାନାହିଁ, ଯାହା ଏବେ ସ୍ଥାନୀୟ ଅଞ୍ଚଳ ଓ ବୁଦ୍ଧିଜୀବୀ ମହଲରେ ଆଲୋଚନାର ବିଷୟବସ୍ତୁ ପାଲଟିଛି।

ଏ ରାଜନୈତିକ ଗୋଳିଆଘଣ୍ଟାରେ ଲୋକ ପ୍ରତିନିଧିମାନେ ସିନା ୫ ବର୍ଷ ଶାସନରେ ରହିଲେ, କିନ୍ତୁ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମସ୍ୟାରେ ହିଁ ରହିଗଲା।



ସଫେଇ ଅଭିଯାନରେ କେନ୍ଦ୍ରମନ୍ତ୍ରୀ ଓ ଅନ୍ୟ ନେତା, କର୍ମୀ।

## ଜି.ଉଦୟଗିରି ସ୍ୱାସ୍ଥ୍ୟ କେନ୍ଦ୍ରରେ ସଫେଇ ଅଭିଯାନ

ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ

ଜି.ଉଦୟଗିରି,୩୦।୯(ଡି.ଏନ.ଏ.)

ଜି. ଉଦୟଗିରି ମେଡିକାଲ ପରିସରରେ ରବିବାର ଅନୁଷ୍ଠିତ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ସାମିଲ ହୋଇଛନ୍ତି। ରବିବାର ସକାଳ ପ୍ରାୟ ୧୦.୧୫ମି.ରେ କେନ୍ଦ୍ରମନ୍ତ୍ରୀ ଓରାମ ଜି.ଉଦୟଗିରି ହସ୍ପିଟାଲ ପରିସରରେ ପହଞ୍ଚି ଭାଜପା ନେତା ଓ କର୍ମୀମାନଙ୍କ ସହ ମିଶି ହସ୍ପିଟାଲ ପରିସରରେ ସଫେଇ କରିଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ସହ ଭାଜପା ରାଜ୍ୟସ୍ତରୀୟ ନେତା ଅଶୋକ ସାହୁ, ସୁକାନ୍ତ ପାଣିଗ୍ରାହୀଙ୍କ ସମେତ ସ୍ଥାନୀୟ ନେତା ବସନ୍ତ ପ୍ରଧାନ, ମାନଗୋବିନ୍ଦ ପ୍ରଧାନ, ବିବେକାନନ୍ଦ ପ୍ରଧାନ, ସନ୍ତୋଷ ମୁନି, ଅଜିତ ସାହୁ, ପ୍ରିୟବ୍ରତ ସାହୁ, ଅବନେଶ୍ୱର ପ୍ରଧାନ, ସୁରେନ୍ଦ୍ର ପ୍ରଧାନ ଓ ଅମରସିଂ ନାୟକଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ। ଜି.ଉଦୟଗିରି ଗଣମାଧ୍ୟମ ପ୍ରତିନିଧିମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ହେଉଥିବା ଆକ୍ରମଣ ପ୍ରତିବାଦରେ କଳାବ୍ୟାଜ୍ ପିନ୍ଧି ସେମାନଙ୍କୁ ସୁରକ୍ଷା ନିମନ୍ତେ ଏକ ସ୍ମାରକପତ୍ର କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ।

■ ସ୍ୱାସ୍ଥ୍ୟ କ୍ଷେତ୍ରରେ ଗଞ୍ଜାମ ଜିଲା ପଛୁଆ

## ସାମାଜିକ ଭିତ୍ତିଭୂମି ସୁଦୃଢ଼ ହେଲେ ଅର୍ଥନୀତିର ବିକାଶ ହେବ




ଅଧକ୍ଷ ଡ.ନୀଳାଞ୍ଚଳ ମୁନି ଉଦ୍‌ବୋଧନ ଦେଉଛନ୍ତି।

ଭଞ୍ଜନଗର,୩୦।୯(ଡି.ଏନ.ଏ)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଅର୍ଥନିତୀ ବିଭାଗର ଏକ ପାଠଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ଼.ନୀଳାଞ୍ଚଳ ମୁନିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଭାଗୀୟ ମୁଖ୍ୟ ଅଧାପକ ଡ. ରବୀନ୍ଦ୍ର ନାଥ ପାଳ ପାଠଚକ୍ରର ଆଭିମୁଖ୍ୟ ଏବଂ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଶାସନିକ ଅଧିକାରୀ ଡ଼.ସୁବାସ ଚନ୍ଦ୍ର ପ୍ରଧାନ, ଯୁକ୍ତ୨ ବୈଷୟିକ ଶିକ୍ଷାନୁଷ୍ଠାନର ପ୍ରାଧାପକ ଡ. ବିନୋଦ ଚନ୍ଦ୍ର ଦାସ, ସୁରେଶ ନାଇଡୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାମାଜିକ ଓ ଭିତ୍ତିଭୂମି ବିକାଶରେ ଗଞ୍ଜାମ ଉପରେ ଲିଖିତ ସନ୍ଦର୍ଭଟିକୁ ଛାତ୍ର ଅନିଲ ନାୟକ ପଠନ କରିଥିଲେ। ତାଙ୍କୁ ବିଭାଗୀୟ ଅଧାପକ ଆମାଶ ପାଢମାଝୀ ସହଯୋଗ କରିଥିଲେ। ଗଞ୍ଜାମ ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅନ୍ୟ ଜିଲା ତୁଳନାରେ ଗଞ୍ଜାମ ଜିଲାରେ ୨୦୧୧ ସର୍ଭେ ଅନୁସାରେ ଶିଶୁ ଓ ମାତୃ ମୃତ୍ୟୁହାର ଅଧିକ। ଡ଼ାକ୍ତର ପଦବୀ ପୂରଣ ସହ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବାକୁ ପଡ଼ିବ। ସାମାଜିକ ଭିତ୍ତଭୂମି ସୁଦୃଢ଼ ହେଲେ ହିଁ ଅର୍ଥନିତୀର ବିକାଶ ଘଟିବ ବୋଲି ଆଲୋଚନାଚକ୍ରରେ ମତପ୍ରକାଶ ପାଇଥିଲା। ସୁର୍ଯ୍ୟଲକ୍ଷ୍ମୀ ପ୍ରଧାନ, ନୃସିଂହଚରଣ ସୁଆର, ଡ଼. ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ତୋଷାବନ୍ତ ବାରିକ, ପବିତ୍ର ନାୟକ, ଅରୁଣ ସ୍ୱାଇଁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଅଧାପିକା ଅନିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

■ ମହିଳାଙ୍କୁ ଅସଦାଚରଣ ଅଭିଯୋଗ

## ଜେଲ ଗଲେ ବାପପୁଅ

କୁକୁଡ଼ାଖଣ୍ଡି,୩୦।୯(ଡି.ଏନ.ଏ.)

ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ଜଣେ ବ୍ୟକ୍ତି ଓ ତାଙ୍କ ପୁଅଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଲୋଚାପଡ଼ା ଗ୍ରାମ ଖଞ୍ଜପଡ଼ିଆ ସାହିର ଲକ୍ଷ୍ମଣ ବେହେରା ଓ ପୁଅ ଇଲୁ। ଏନେଇ ନଂ.୨୨୦/୧୮ରେ ମାମଲା ହୋଇଥିବା ନିମଖଣ୍ଡି ଫାଣ୍ଡି ଅଧିକାରୀ ନାରାୟଣ ସ୍ୱାଇଁ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଲକ୍ଷ୍ମଣ ଓ ଇଲୁ ଗତ ୨୮ ତାରିଖ ରାତି ପ୍ରାୟ ୮ଟାରେ ଆଙ୍କୁଶପୁର ଥାନା ଅଞ୍ଚଳର ଜଣେ ମହିଳାଙ୍କ ଘର ସମ୍ମୁଖରେ ଗାଳିଗୁଲଜ କରିଥିଲେ। ସେ ବାହାରକୁ ଆସିବାରୁ ତାଙ୍କୁ ଅସଦାଚରଣ କରିଥିଲେ। ପାଟି ଶୁଣି ସାହିଲୋକ ପହଞ୍ଚି ଯିବାରୁ ବାପ-ପୁଅ ସ୍ଥାନ ଛାଡ଼ି ଚାଲି ଯାଇଥିଲେ। ଏନେଇ ମହିଳା ଜଣକ ଆଙ୍କୁଶପୁର ଥାନାରେ ଗତ ୨୯ ତାରିଖ ରାତିରେ ଅଭିଯୋଗ କରିବା ପରେ ପୋଲିସ ବାପ-ପୁଅଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ କେଉଁ କାରଣରୁ ବାପ-ପୁଅ ଦୁହେଁ ମିଶି ଏଭଳି କରିଛନ୍ତି ତାହା ଜଣାପଡିନାହିଁ।

## ଡେଙ୍ଗାପଦରରେ ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା କାର୍ଯ୍ୟକ୍ରମ

ଶେରଗଡ,୩୦।୯(ଡି.ଏନ୍.ଏ.)

ଶେରଗଡ ବ୍ଲକ ଡେଙ୍ଗାପଦର ପଞ୍ଚାୟତ ଡେଙ୍ଗାପଦର ଗ୍ରାମରେ ସ୍ୱଚ୍ଛ ଓଡିଶା, ସୁସ୍ଥ ଓଡିଶା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁରଞ୍ଜନ କୁମାର ସାହୁ ଏହାର ଶୁଭାରମ୍ଭ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଉକ୍ତ ପଞ୍ଚାୟତର ବିଜୁ ଯୁବବାହିନୀ ପକ୍ଷରୁ ରାଲି ପରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କ ପୁରସ୍କୃତ କରାଯାଇଥିଲା। ଅତିଥି ଭାବେ ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ, ସରପଞ୍ଚ ରାମକୃଷ୍ଣ ପଲେଇ, ସମିତିସଭ୍ୟ ବୁଦ୍ଧାପ୍ରଧାନ ଯୋଗଦେଇ ବିଜୁ ଯୁବ ବାହିନୀ ସମାଜର ସବୁ କ୍ଷେତ୍ରରେ ଅଗ୍ରଣୀ ହୋଇ କାମ କରିଲେ ସରକାରଙ୍କ ଆଭିମୁଖ୍ୟ ଓଲକ୍ଷ୍ୟ ସଫଳ ହେବ ବୋଲି କହିଥିଲେ। ପରେ ଡେଙ୍ଗାପଦରରେ ସାମୁହିକ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା।

## ବୁଗୁଡ଼ା ବ୍ଲକରେ ଭତ୍ତା ବଣ୍ଟନ ମେଳା

ବୁଗୁଡ଼ା,୩୦।୯(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ପ୍ରଶାସନ ତରଫରୁ ଶନିବାର ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଭତ୍ତା ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାରେ ମୁଖ୍ୟଅତିଥି ଭାବେ ଗଞ୍ଜାମ ଜିଲା ବିଜୁ ଶ୍ରମିକ ସାମ୍ମୁଖ୍ୟ ସଭାପତି ତଥା ବିଧାୟକ ଶ୍ରୀକାନ୍ତ ସାହୁ ଯୋଗଦେଇ ହିତାଧିକାରୀମାନଙ୍କୁ ମଧୁବାବୁ ପେନସନ ଓ ଇନ୍ଦିରା ଗାନ୍ଧୀ ପେନସନ ଯୋଜନାରେ ଭତ୍ତା ବଣ୍ଟନ କରିଥିଲେ। ଏଥିରେ ବ୍ଲକ ଅଧକ୍ଷା ମାମି ସେନାପତି, ବିଡିଓ ସଞ୍ଜୀବ ରାଜ ସେନାପତି, ବ୍ଲକ ଉପାଧକ୍ଷ ଟୁକୁନା ସ୍ୱାଇଁ, ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ପରିଡ଼ା, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ସୁପ୍ରିୟା ତ୍ରିପାଠୀ, ଜିଲା ପରିଷଦ ସଭ୍ୟା ଭୁବନେଶ୍ୱରୀ ଖଟାଇ, ସଭ୍ୟ ରେବତୀ ମୋହନ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ମେଳାରେ ୭୨୮ ନୂତନ ହିତାଧିକାରୀଙ୍କୁ ଇନ୍ଦିରା ଗାନ୍ଧୀ ଓ ମଧୁବାବୁ ପେନସନ ଯୋଜନାର ଭତ୍ତା ବଣ୍ଟନ କରାଯାଇଥିଲା। ଏଥିରେ ସରପଞ୍ଚ, ସମିତିସଭ୍ୟମାନେ ଯୋଗ ଦେଇଥିଲେ।




ଉପସ୍ଥିତ ଅତିଥିବୃନ୍ଦ।

## ଏନ୍ଏସିରେ ଆବାସ କାର୍ଯ୍ୟାଦେଶ ବଣ୍ଟନ

**କବିସୂର୍ଯ୍ୟନଗର,୩୦।୯:** ସ୍ଥାନୀୟ ଏନ୍ଏସି ପ୍ରାଙ୍ଗଣରେ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ ହୋଇଯାଇଛି। ଆସିକା ସାଂସଦ ଲଡୁ କିଶୋର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ୩୦୨ ଆବାସ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ଏଥିରେ ଏନ୍ଏସି ଅଧକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଉପାଧକ୍ଷ ମନୋରଞ୍ଜନ ମହାପାତ୍ର, କାଉନସିଲର ରସଲ ଦାଶ, ପ୍ରଶ୍ନ ନାୟକ, ଦିଲୀପ ସାହୁ, ସୁଦର୍ଶନ ପ୍ରଧାନ, ଜଟେଶ୍ୱର ଶତପଥୀ, ମୁନ୍ନା ସ୍ୱାଇଁ, ବାସୁଦେବ ସାହୁ, ବିଜୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

■ ବିଜୁ ମହିଳା ଜନତା ଦଳ ପକ୍ଷରୁ ମହାସମାବେଶ

## 'ମହିଳା ସ୍ୱାବଲମ୍ବୀଶୀଳତା ବିକାଶର ଚାବିକାଠି'

ଚିକିଟି,୩୦।୯(ଡି.ଏନ.ଏ.)

ସମ୍ପ୍ରତି ପୁରୁଷମାନଙ୍କ ଭଳି ନାରୀମାନେ ମଧ ସାମାଜିକ ଏବଂ ଅର୍ଥନୈତିକ ବିକାଶରେ ସହଯୋଗ କଲେଣି। ମହିଳାମାନଙ୍କ ସ୍ୱାବଲମ୍ବୀଶୀଳତା ରାଷ୍ଟ୍ରର ଆର୍ଥିକ ଉନ୍ନତିରେ ଅଧିକ ସହାୟକ ହେଉଛି। ସେମାନେ ସ୍ୱାବଲମ୍ବୀ ହେଲେ ସମାଜ ତଥା ରାଷ୍ଟ୍ରର ଉନ୍ନତି ହୋଇପାରିବ ବୋଲି ରବିବାର ଚିକିଟି ନିର୍ବାଚନମଣ୍ଡଳୀର ଚିକିଟି ବ୍ଲକ୍ ଅନ୍ତର୍ଗତ ଧାନଘର ନିକଟ ଏକ ପଡିଆରେ ଅନୁଷ୍ଠିତ ବିଜୁ ମହିଳା ଜନତା ଦଳର ସମାବେଶରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ଊଷା ଦେବୀ ଯୋଗଦେଇ କହିଥିଲେ। ଏହି ସମାବେଶ ବ୍ଲକ୍ ବିଜେଡି ସଭାପତି ହାରମ୍ଭ ରେଡ୍ଡୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ବିଜୁ ମହିଳା ଜନତା ଦଳର ଉପସଭାପତି ଗିତାଞ୍ଜଳି ବସ୍ତିଆ, ଦିବ୍ୟାଙ୍ଗ ସଶକ୍ତୀକରଣର କସ୍ତୁରିକା ମହାପାତ୍ର, ରାଜ୍ୟ ମହିଳା କମିଶନର ସଦସ୍ୟ ସ୍ନେହାଞ୍ଜଳି ମହାନ୍ତି, ବିଜୁ ଜନତା ଦଳ ସଭାନେତ୍ରୀ ସରୋଜିନୀ ନନ୍ଦ, ଜିଲା ପରିଷଦ ଉପାଧକ୍ଷା ସ୍ନେହଲତା ପଣ୍ଡା ପ୍ରମୁଖ ଯୋଗଦେଇ ରାଜ୍ୟର ମହିଳାମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବାରେ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି କହିଥିଲେ। ଏଥିସହିତ ରାଜ୍ୟ ସରକାରଙ୍କ ଜନ କଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧରେ ବ୍ଲକ୍ ଅଧକ୍ଷା ଏମ୍ ପଦ୍ମା, ପୂର୍ବତନ ଅଧକ୍ଷ ଏମ୍ ନାଗରାଜ, ଚିକିଟି ନିର୍ବାଚନ ମଣ୍ଡଳୀର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବାପୁଜୀ ବିଶୋୟୀ, ଜିଲା ପରିଷଦ ସଭ୍ୟା ପ୍ରମୋତି ପ୍ରଧାନ, ବିଜେଡିର ଯୁବନେତା ବି. କ୍ରିଷ୍ଣମୂର୍ତ୍ତିଙ୍କ ସମେତ ଉକ୍ତ ବ୍ଲକ୍‌ର ୧୭ଟି ପଞ୍ଚାୟତର ଶତାଧିକ ମହିଳା ଯୋଗ ଦେଇଥିଲେ।



ସମାବେଶରେ ଉପସ୍ଥିତ ମହିଳାମାନେ।


**ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍, ଆସ୍କା ଶାଖା**
କଳିଙ୍ଗା ରୋଡ, ଆସିକା, ଜିଲ୍ଲା - ଗଞ୍ଜାମ, ଓଡ଼ିଶା -୭୬୧୧୧୦

**ଦଖଲ ବିଜ୍ଞପ୍ତି (ସ୍ଥାବର ସମ୍ପତ୍ତି ନିମନ୍ତେ)**

**ସରଫେସୀ ଆକ୍ଟ ୨୦୦୨ ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରି କନ୍ସଟ୍ରାକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଏସେଟ୍ସ ଏଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟେରେଷ୍ଟ ଆକ୍ଟ ୨୦୦୨(୫୪) ଏବଂ ଧାରା ୧୩(୧୨)ର ରୁଲ୍ ୮ ଏବଂ ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରି ନିମ୍ନଲିଖିତ ଋଣଗ୍ରହିତାମାନଙ୍କୁ ନୋଟିସ୍ ଦର୍ଶିତ ବକେୟା ରାଶି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପୈଠ କରିବାକୁ କୁହାଯାଇଥିଲା।
ଯେହେତୁ ସମସ୍ତ ଋଣଗ୍ରହୀତା ସେମାନଙ୍କ ଋଣ ପୈଠ କରିପାରିଲେ ନାହିଁ। ତେଣୁ ଏହି ନୋଟିସ୍ ମାଧ୍ୟମରେ ସମସ୍ତ ଋଣଗ୍ରହିତା/ଜାମିନ୍‌ଦାର/ବନ୍ଧକଦାତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, କଥିତ ନିୟମଧାରା ୧୩ (୪) ଅନ୍ତର୍ଗତ ରୁଲ୍ (୯) ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ଏତଦ୍ୱାରା ବିଶେଷ କରି ସମସ୍ତ ଋଣଗ୍ରହିତା/ ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେ ବାବଦ ଦେୟ ନିମନ୍ତେ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ୍, ଆସ୍କା ଶାଖା, ଆସ୍କା, ଗଞ୍ଜାମ, ନିକଟରେ ଉତ୍ତର ଦାୟୀ ରହିବେ।

| କ୍ର. ନଂ. | ଋଣକର୍ତ୍ତା/ଜାମିନ୍‌ଦାରଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ / ଦଖଲ ବିଜ୍ଞପ୍ତିର ତାରିଖ | ନୋଟିସ୍‌ରେ ଦର୍ଶାଯାଇଥିବା ତାରିଖ ସୁଦ୍ଧା ଋଣ ରାଶି |
|---|---|---|---|---|
| ୧. | **ଋଣକର୍ତ୍ତା - ଶ୍ରୀ ସିମାଞ୍ଚଳ ଗୌଡ଼,** ପି. - ୰ ନରସିଂହ ଗୌଡ଼, ଗ୍ରାମ/ପୋ - ବେଠୁଆର, ଭାୟା - ଧରାକୋଟ, ଆସ୍କା, ଜିଲ୍ଲା - ଗଞ୍ଜାମ **ଜାମିନ୍‌ଦାର୍** - ଶ୍ରୀମତୀ ରିନା ଗୌଡ଼, ସ୍ୱାମୀ - ଶ୍ରୀ ସିମାଞ୍ଚଳ ଗୌଡ଼, ପି. - ୰ ନରସିଂହ ଗୌଡ଼, ଗ୍ରାମ/ପୋ - ବେଠୁଆର, ଭାୟା - ଧରାକୋଟ, ଆସ୍କା, ଜିଲ୍ଲା - ଗଞ୍ଜାମ | **ଶ୍ରୀମତୀ ରୀନା ଗୌଡ଼**ଙ୍କ ନାମରେ ଥିବା ଜମି ଓ କୋଠାର ବିବରଣୀ : **(୧) ମୌଜା** : ବେଥୁଆର୍, ତହସିଲ୍-ଆସିକା, ଜିଲ୍ଲା - ଗଞ୍ଜାମ, **ଖାତା ନଂ.** - ୪୭୨/୧୧୮, **ପ୍ଲଟ୍ ନଂ.** - ୨୭୮୭, **ଜମିର ପରିମାଣ** - ଏ୦.୦୧୦ ଡେସିମିଲ୍, **କିସମ** - ଘରବାରୀ, **ଚଉହଦ** - ପୂର୍ବ : କନ୍ଧ ଜେନା, ପଶ୍ଚିମ : ଗନ୍ଧିଆ ବିଷୋୟୀ, ଉତ୍ତର : ରାସ୍ତା, ଦକ୍ଷିଣ : ରାସ୍ତା, **ପ୍ଲଟ୍ ନଂ.** - ୨୭୩୫, **ଜମିର ପରିମାଣ** - ଏ୦.୦୦୭ ଡେସିମିଲ୍, **ଚଉହଦ** - ପୂର୍ବ : ବିଜୁଳି ସେଠୀ, ପଶ୍ଚିମ : ଲକ୍ଷ୍ମଣନାୟକ, ଉତ୍ତର : ରାସ୍ତା, ଦକ୍ଷିଣ : ରାସ୍ତା, **ପ୍ଲଟ୍ ନଂ.** - ୨୭୭୫, **ଜମିର ପରିମାଣ** - ଏ୦.୦୦୫ ଡେସିମିଲ୍, **ଚଉହଦ** - ପୂର୍ବ : ଖଲି ଗୌଡ଼, ପଶ୍ଚିମ : ବାସୁଦେବ ପଣ୍ଡା, ଉତ୍ତର : ରାସ୍ତା, ଦକ୍ଷିଣ : ରାସ୍ତା, **(୨) ମୌଜା** : ବେଥୁଆର୍, ତହସିଲ୍-ଆସିକା, ଜିଲ୍ଲା - ଗଞ୍ଜାମ, **ଖାତା ନଂ.** - ୪୭୨/୧୪୨, **ପ୍ଲଟ୍ ନଂ.** - ୩୨୧୮, **ଜମିର ପରିମାଣ** - ଏ୦.୧୧୦ ଡେସିମିଲ୍, **କିସମ** - ଘରବାରୀ, **ଚଉହଦ** - ପୂର୍ବ : ମହନ୍ତ ପଣ୍ଡା, ପଶ୍ଚିମ : ତାରା ପାଢ଼ୀ, ଉତ୍ତର : ରାସ୍ତା, ଦକ୍ଷିଣ : ଉଦୟ ମହାରଣା, **(୩) ମୌଜା** : ବେଥୁଆର୍, ତହସିଲ୍-ଆସିକା, ଜିଲ୍ଲା - ଗଞ୍ଜାମ, **ଖାତା ନଂ.** - ୪୭୨/୩୧୩, **ପ୍ଲଟ୍ ନଂ.** - ୧୭୫୯/୮୦୨୮, **ଜମିର ପରିମାଣ** - ଏ୦.୦୩୦ ଡେସିମିଲ୍, **କିସମ** - ଘରବାରୀ, **ଚଉହଦ** - ପୂର୍ବ : ସନ୍ୟାସୀ ସ୍ୱାଇଁ, ପଶ୍ଚିମ : ଦୁଃଖୀ ବିଷୋୟୀ, ଉତ୍ତର : କାଳୁ ମୁନି, ଦକ୍ଷିଣ : ରାସ୍ତା, | ୧୨.୦୭.୨୦୧୮ / ୨୫.୦୯.୨୦୧୮ | ୧୨.୦୭.୨୦୧୮ ତାରିଖ ସୁଦ୍ଧା **ଟ.୨୭,୧୫,୬୩୦/-** (ସତେଇଶି ଲକ୍ଷ ପନ୍ଦର ହଜାର ଛଅ ଶହ ତିରିଶି ଟଙ୍କା) ମାତ୍ର |
| ୨. | **ଋଣକର୍ତ୍ତା - ଶ୍ରୀ କୁଞ୍ଜବିହାରୀ ନାୟକ,** ପି. - ଶ୍ରୀ ରାଜୀବ ଲୋଚନ ନାୟକ, ପ୍ରୋ : ରାଧାକୃଷ୍ଣ ରାଇସ୍ ମିଲ୍, ଠିକଣା - ବାଣୀବିହାର ୩ୟ ଲେନ୍, ଆସ୍କା, ଜିଲ୍ଲା - ଗଞ୍ଜାମ **ଜାମିନ୍‌ଦାର୍** - ମୀନକେତନ ନାୟକ, ପି. - ଶ୍ରୀ ରାଜୀବ ଲୋଚନ ନାୟକ, ଠିକଣା - ପାତ୍ରପୁର, ପୋ- ମହୁପଦର, ଆସ୍କା, ଜିଲ୍ଲା - ଗଞ୍ଜାମ | **ଶ୍ରୀ କୁଞ୍ଜବିହାରୀ ନାୟକ**ଙ୍କ ନାମରେ ଥିବା ଜମି ଓ କୋଠାର ବିବରଣୀ: **(୧) ମୌଜା** : ଖମ୍ବେଶ୍ୱରୀ ପାଟଣା, ତହସିଲ୍-ଆସିକା, ଜିଲ୍ଲା - ଗଞ୍ଜାମ, **ଖାତା ନଂ.** - ୫୭, **ପ୍ଲଟ୍ ନଂ.** - ୩୨୩, **ଜମିର ପରିମାଣ** - ଏ୦.୦୩୧ ଡେସିମିଲ୍, **କିସମ** - ଘରବାରୀ, **ଚଉହଦ** - ପୂର୍ବ : କୃପାସିନ୍ଧୁ ନାୟକ, ପଶ୍ଚିମ : ପିତାମ୍ବର ରଥ, ଉତ୍ତର : ଏନ୍ଏସି କେନାଲ, ଦକ୍ଷିଣ : ଏନ୍ଏସି ରୋଡ୍। **(୨) ମୌଜା** : ପାତ୍ରପୁର, ତହସିଲ୍-ଆସିକା, ଜିଲ୍ଲା - ଗଞ୍ଜାମ, **ଖାତା ନଂ.** - ୪୯୮/୧୫୯, **ପ୍ଲଟ୍ ନଂ.** - ୨୫୨, **ଜମିର ପରିମାଣ** - ଏ୦.୦୯୨ ଡେସିମିଲ୍, **କିସମ** - ଘରବାରୀ, **ଚଉହଦ** - ପୂର୍ବ : କେନାଲ, ପଶ୍ଚିମ : କୁଞ୍ଜବିହାରୀ ନାୟକ, ଉତ୍ତର : କିରଣ ନାୟକ, ଦକ୍ଷିଣ : ପଞ୍ଚାୟତ ଅଫିସ୍। **(୩) ମୌଜା** : ପାତ୍ରପୁର, ତହସିଲ୍-ଆସିକା, ଜିଲ୍ଲା - ଗଞ୍ଜାମ, **ଖାତା ନଂ.** - ୪୯୮/୧୬୦, **ପ୍ଲଟ୍ ନଂ.** - ୨୫୮/୧୪୦୧, **ଜମିର ପରିମାଣ** - ଏ୦.୦୩୦ ଡେସିମିଲ୍, ଏବଂ **ପ୍ଲଟ୍ ନଂ.**- ୨୫୮/୧୪୦୨, **ଜମିର ପରିମାଣ** - ଏ୦.୦୯୦ ଡେସିମିଲ୍, **କିସମ** - ଘରବାରୀ, **ଚଉହଦ** - ପୂର୍ବ : କେନାଲ, ପଶ୍ଚିମ : ଆନନ୍ଦ ସ୍ୱାଇଁ, ଉତ୍ତର : ମିନକେତନ ନାୟକ, ଦକ୍ଷିଣ : ଚନ୍ଦ୍ରକଣ୍ଟେଶ୍ୱର ମହାପ୍ରଭୁଙ୍କ ଜମି | ୧୨.୦୭.୨୦୧୮ / ୨୫.୦୯.୨୦୧୮ | ୧୦.୦୭.୨୦୧୮ ତାରିଖ ସୁଦ୍ଧା **ଟ.୬୭,୮୩,୬୦୯/-** (ସତଷଠି ଲକ୍ଷ ତେୟାଅସି ହଜାର ଛଅ ଶହ ନଅ ଟଙ୍କା) ମାତ୍ର |
| ୩. | **ଋଣକର୍ତ୍ତା - ଶ୍ରୀ ଅନୁପମ ପାଢ଼ୀ,** ପି. - ଶ୍ରୀ ଉପେନ୍ଦ୍ର କୁମାର ପାଢ଼ୀ, ଠିକଣା - ବାଣୀବିହାର ୧ମ ଲେନ୍, ଆସ୍କା, ଗଞ୍ଜାମ, **ସହ ଋଣକର୍ତ୍ତା/ଜାମିନ୍‌ଦାର୍-** ଶ୍ରୀ ଉପେନ୍ଦ୍ର କୁମାର ପାଢ଼ୀ, ପି- ୰ ନୀଳକଣ୍ଠ ପାଢ଼ୀ, ଠିକଣା - ବାଣୀବିହାର ୧ମ ଲେନ୍, ଆସ୍କା, ଜିଲ୍ଲା - ଗଞ୍ଜାମ, | **ଶ୍ରୀ ଉପନ୍ଦ୍ରେ କୁମାର ପାଢ଼ୀ**ଙ୍କ ନାମରେ ଥିବା ଜମି ଓ କୋଠାର ବିବରଣୀ: **(୧) ମୌଜା** : ଖମ୍ବେଶ୍ୱରୀ ପାଟଣା, ତହସିଲ୍-ଆସିକା, ଜିଲ୍ଲା - ଗଞ୍ଜାମ, **ଖାତା ନଂ.** - ୪୮/୪୬୩, **ପ୍ଲଟ୍ ନଂ.** - ୨୪୪/୭୬୮, **ଜମିର ପରିମାଣ** - ଏ୦.୦୨୯ ଡେସିମିଲ୍, **ଚଉହଦ** - ପୂର୍ବ : ଯୁଧିଷ୍ଠିର ମହାରଣାଙ୍କ ଘର, ପଶ୍ଚିମ - ଶରତ ଚନ୍ଦ୍ର ପାଢ଼ୀଙ୍କ ଜମି, ଉତ୍ତର : କଳିଙ୍ଗା ରୋଡ୍, ଦକ୍ଷିଣ : ରାମଚନ୍ଦ୍ର ପାତ୍ର ଓ ଅଗେର। | ୧୦.୦୭.୨୦୧୮ / ୨୫.୦୯.୨୦୧୮ | ୧୦.୦୭.୨୦୧୮ ତାରିଖ ସୁଦ୍ଧା **ଟ.୧୮,୨୭,୭୫୪/-** (ଅଠର ଲକ୍ଷ ସତେଇଶି ହଜାର ସାତ ଶହ ଚଉବନ ଟଙ୍କା) ମାତ୍ର |

ସ୍ଥାନ : **ଆସିକା**
ତାରିଖ : **୨୯.୦୯.୨୦୧୮**

**ସ୍ୱା : କ୍ଷମତାପ୍ରାପ୍ତ ଅଧିକାରୀ**
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍, ଆସ୍କା ଶାଖା, ଆସ୍କା (ଗଞ୍ଜାମ

## ସଂକ୍ଷେପରେ

### ୨ ମୃତ ବାର୍ହା ଜବତ, ଶିକାରୀ ଗିରଫ



**ବ୍ରହ୍ମପୁର ଅଫିସ୍,୩୦।୯:** ବ୍ରହ୍ମପୁର ବନବିଭାଗ ମୋବାଇଲ ଷ୍କାଫ୍ ଶନିବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ଜଣେ ଶିକାରୀଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୨ଟି ମୃତ ବାରହା ଜବତ କରିଛନ୍ତି। ଗିରଫ ଶିକାରୀ ହେଲେ ବାହାଦୂରପେଟା ଅଞ୍ଚଳର ଡି.ଧରମା। ଧରମା ୨ଟି ମୃତ ବାର୍ହା ମୋପେଡ଼ରେ ନେଇ ଯାଉଥିବା ବେଳେ ଟାମଣା ନିକଟସ୍ଥ ବିଶ୍ୱନାଥପୁର ଛକରେ ବନ ବିଭାଗ ପାଟ୍ରୋଲିଂ ଟିମ ହାବୁଡ଼ରେ ପଡ଼ିଥିଲେ। ସେ ଟାମଣା ଜଙ୍ଗଲରୁ ବାର୍ହା ଶିକାର କରି ମାଂସ ବିକ୍ରି କରିବା ଉଦ୍ଦେଶ୍ୟରେ ଗୋପାଳପୁର ଅଭିମୁଖେ ଯାଉଥିଲେ ବୋଲି ସୂଚନା ମିଳିଛି । ଏ ନେଇ ବ୍ରହ୍ମପୁର ଡିଏଫଓ ଆଶିଷ କୁମାର ବେହେରାଙ୍କ ନିର୍ଦ୍ଦେଶକ୍ରମେ ବନବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି । ଜବତ ହୋଇଥିବା ମୃତ ବାର୍ହା ବ୍ୟବଚ୍ଛେଦ କରାଯିବା ପରେ ପୋତି ଦିଆଯାଇଛି ।

### ଭାଜପା ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

**ବ୍ରହ୍ମପୁର ଅଫିସ,୩୦।୯:** ଗଞ୍ଜାମ ଜିଲା ଭାଜପାର ସ୍ଥାନୀୟ ଗେଟବଜାର ମଣ୍ଡଳ ଶାଖା ପକ୍ଷରୁ କେନ୍ଦ୍ର ସରକାରଙ୍କ ସର୍ଜିକାଲ ଷ୍ଟ୍ରାଇକର ଦୁଇବର୍ଷ ପୂର୍ତ୍ତି ଅବସରରେ ମାଗଣା ସ୍ୱାସ୍ଥ୍ୟ ଶିବିର ଓ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଡା. ସୁବାସ ସାହୁ ଓ ଡା. ରାମହରି ଖଣ୍ଡୁଆଳ ଶିବିର ପରିଚାଳନା କରିଥିଲେ । ମଣ୍ଡଳ ସଭାପତି ଏସ. ଶ୍ରୀନିବାସ ରାଓ, ଏସ. ରାଣୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଜିଲା ଭାଜପା ସଭାପତି କାହ୍ନୁ ଚରଣ ପତିଙ୍କ ସମେତ କାମନା ପାଢ଼ୀ, ରବୀନ୍ଦ୍ର ସାହୁ, ମଦନ ମୋହନ ପାତ୍ର, ପ୍ରଭାତ ଷଡ଼ଙ୍ଗୀ, ପ୍ରବୀର ପାତ୍ର, ସିଦ୍ଧାନ୍ତ ଗଙ୍ଗଦେବ, ପ୍ରବୀର ପାତ୍ର, ବିଘ୍ନରାଜ ନାୟକ, ମଧୁସୂଦନ ସାହୁ, ପ୍ରଫୁଲ୍ଲ ପାଣିଗ୍ରାହୀ, ପ୍ରଦୀପ ଶତପଥୀ ଓ ଅନ୍ୟ ନେତାମାନେ ଏଥିରେ ଯୋଗ ଦେଇଥିଲେ ।

### ପଦଯାତ୍ରା ନେଇ ଗଞ୍ଜାମ ଜିଲା ବିଜେଡି ବୈଠକ

**ବ୍ରହ୍ମପୁର ଅଫିସ,୩୦।୯:** ଗଞ୍ଜାମ ଜିଲା ବିଜେଡିର ସ୍ୱତନ୍ତ୍ର ବୈଠକ ରବିବାର ବ୍ରହ୍ମପୁରସ୍ଥ ଦଳର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅକ୍ଟୋବର ୨ରୁ ନଭେମ୍ବର ୨ ପର୍ଯ୍ୟନ୍ତ ମାସେ ବ୍ୟାପୀ ହେବାକୁ ଥିବା ଜନ ସମ୍ପର୍କ ପଦଯାତ୍ରା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବ୍ରହ୍ମପୁର ମହାନଗରର ସମସ୍ତ ୱାର୍ଡ ଏବଂ ଜିଲାର ପୁରପଲ୍ଲୀରେ ପଦଯାତ୍ରା ବେଳେ ରାଜ୍ୟ ସରକାରଙ୍କ ବହୁମୁଖୀ ଜନ କଲ୍ୟାଣ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସାଢ଼େ ୧୮ ବର୍ଷର ସଫଳ ଶାସନ ସମ୍ପର୍କରେ ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବାକୁ ନିଷ୍ପତ୍ତି ନିଆଯାଇଛି। ଅପରପକ୍ଷରେ ଓଡ଼ିଶା ପ୍ରତି କେନ୍ଦ୍ର ସରକାରଙ୍କ ଅବହେଳା, ତୈଳଜାତ ପଦାର୍ଥର ଅହେତୁକ ମୂଲ୍ୟବୃଦ୍ଧି ଏବଂ ଭାଜପା ନେତୃତ୍ୱାଧିନ କେନ୍ଦ୍ର ଏନଡିଏ ସରକାରଙ୍କ ରାଜ୍ୟ ସ୍ୱାର୍ଥ ବିରୋଧୀ ସମସ୍ତ କାର୍ଯ୍ୟ ନେଇ ବିଜେଡି କର୍ମୀମାନେ ଘରକୁ ଘର ଯାଇ ଲୋକଙ୍କୁ ବାର୍ତ୍ତା ଦେବେ । ବୈଠକରେ ବ୍ରହ୍ମପୁର ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିଏମସି ପୂର୍ବତନ ମେୟର କେ. ମାଧବୀ ଓ ଡେପୁଟି ମେୟର ଜ୍ୟୋତ୍ସ୍ନା ନାୟକ, ବିଡିଏ ଅଧକ୍ଷ ସୁବାସ ଚନ୍ଦ୍ର ମହାରଣା, ଜିଲା ବିଜେଡି ଉପସଭାପତି ଉମା ଚରଣ ନାୟକ, ଶିବ ଶଙ୍କର ସାହାଣୀ, ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ବେହେରା, ଜଗନ୍ନାଥ ସାବତ, ଅନିଲ ସାହୁ, ମହିଳା ବିଜେଡି ଜିଲା ସଭାନେତ୍ରୀ ସଂଘମିତ୍ରା ଦଳାଇ ଓ ତାଙ୍କ ଟିମ, ଯୁବ ବିଜେଡି ଜିଲା ସଭାପତି ଏନ. ଧନଞ୍ଜୟ ରାଓ ଏବଂ ଅନ୍ୟମାନେ ଯୋଗ ଦେଇଥିଲେ । ମହାନଗର ବିଜେଡି କର୍ମକର୍ତ୍ତା, ଅନେକ ପୂର୍ବତନ ବିଜେଡି କର୍ପୋରେଟର ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଗଞ୍ଜାମ ଜିଲା କଂଗ୍ରେସ ଶିକ୍ଷା ଶିବିର ୩ରେ

# ତାଲିମ ନେବେ ୬୯ ଜିଲା ପରିଷଦ ଜୋନ ସଭାପତି

ବ୍ରହ୍ମପୁର ଅଫିସ,୩୦।୯

- ନୂଆ ରଣନୀତି ନେଇ କରାଯିବ ସଚେତନ
- ଯୋଗଦେବେ ଦିଲ୍ଲୀର ଟ୍ରେନିଂ ମାଷ୍ଟର

ଗଞ୍ଜାମ ଜିଲା କଂଗ୍ରେସର ଶିକ୍ଷା ଶିବିର ଆସନ୍ତା ୩ରେ ବ୍ରହ୍ମପୁରରେ ଅନୁଷ୍ଠିତ ହେବ । ନବ ନିର୍ବାଚିତ ୬୯ ଜିଲା ପରିଷଦ ଜୋନ ସଭାପତିଙ୍କୁ ଟ୍ରେନିଂ ଦିଆଯିବ । ଏହା ସହ ଜିଲା କଂଗ୍ରେସ ଏବଂ ଛାମୁଆ ସଂଗଠନର କର୍ମକର୍ତ୍ତାଙ୍କୁ ନିର୍ବାଚନୀ ରଣନୀତି ନେଇ ସଚେତନ କରାଯିବ । ସୂଚନାଯୋଗ୍ୟ ଶିକ୍ଷା ଶିବିର ସେପ୍ଟେମ୍ବର ୩୦ରେ ଗୋପାଳପୁରରେ ହେବାର ନିଷ୍ପତ୍ତି ନିଆଯାଇଥିଲା । ବିଭିନ୍ନ କାରଣରୁ ତାହା ସ୍ଥଗିତ ରଖାଯାଇ ନେତା ଓ କର୍ମୀଙ୍କ ସୁବିଧା ପାଇଁ ବ୍ରହ୍ମପୁରରେ କରାଯିବାର ଚୂଡ଼ାନ୍ତ ହୋଇଛି । ଜିଲା କଂଗ୍ରେସ କମିଟିର ଜରୁରୀ ବୈଠକ ରବିବାର ସ୍ଥାନୀୟ ବାପୁଜୀ ଆଶ୍ରମରେ ସଭାପତି ଡ଼ା. ତ୍ରିନାଥ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ୫ କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା, ଦୀପକ ପଟ୍ଟନାୟକ, ଏସ. ସୁଜିତ, ବିଜୟ କୁମାର ସାହୁ ଓ ସନ୍ତୋଷ ନାୟକ ଯୋଗ ଦେଇଥିଲେ । ଶିକ୍ଷା ଶିବିର (ଟ୍ରେନିଂ କ୍ୟାମ୍ପ) ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା।

ବୈଠକ ଶେଷରେ କୁହାଯାଇଛି ଶିବିରରେ ଏଆଇସିସି ସମ୍ପାଦକ ତଥା ପ୍ରଦେଶ କଂଗ୍ରେସର ସହପ୍ରଭାରୀ ଅନିଲ ଚୌଧୁରୀ ଓ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝିଙ୍କ ସମେତ ଦଳର ରାଜ୍ୟସ୍ତରୀୟ ବରିଷ୍ଠ ନେତା ଯୋଗଦେବେ । ଦିଲ୍ଲୀରୁ ୪ ଜଣିଆ ଟିମ ଆସି ଶିବିରରେ ରାଜନୈତିକ ତାଲିମ ପ୍ରଦାନ କରିବେ । ଆଗାମୀ ଲୋକସଭା ଓ ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାରୁ ନେତା ଓ କର୍ମୀଙ୍କୁ ଏଆଇସିସିର ନୂଆ ରଣନୀତି ସମ୍ପର୍କରେ ତାଲିମଦାତାମାନେ ମନ୍ତ୍ର ଫୁଙ୍କିବେ। ଭାଜପା ନେତୃତ୍ୱାଧୀନ କେନ୍ଦ୍ରର ମୋଦି ସରକାରଙ୍କ ସାମ୍ପ୍ରଦାୟିକବାଦ, ନୋଟବନ୍ଦୀ ବା ବିମୁଦ୍ରୀକରଣର କୁପରିମାଣ, ରାଫେଲ ଯୁଦ୍ଧ ବିମାନ କିଣାରେ ହୋଇଥିବା ମହାଦୁର୍ନୀତି ଓ ଦେଶରେ ଚାଲିଥିବା ଅରାଜକତାକୁ ମୁଖ୍ୟ ପ୍ରସଙ୍ଗ କରାଯିବ ।

ସେହିପରି ରାଜ୍ୟ ବିଜେଡି ସରକାରଙ୍କ ବହୁମୁଖୀ ଭ୍ରଷ୍ଟାଚାର, ଖଣି, ପାଣି, କୋଇଲା ଦୁର୍ନୀତି ଏବଂ ବଢ଼ି ଚାଲିଥିବା ନାରୀ ନିର୍ଯାତନା, ନବ କଳେବର ବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବ୍ରହ୍ମ ବିଭ୍ରାଟ ସମେତ ନବୀନ ସରକାରଙ୍କ ଶାସନରେ ସାମଗ୍ରିକ ବିଫଳତା ନେଇ ଶିକ୍ଷା ଶିବିରରେ ତର୍ଜମା କରାଯିବ । ଅନ୍ୟପକ୍ଷରେ କଂଗ୍ରେସର ଧର୍ମ ନିରପେକ୍ଷତା, ସମାଜବାଦୀ ଅର୍ଥନୀତି, ସାମନ୍ତବାଦୀ ଚିନ୍ତା ବିରୋଧୀଏବଂ ଜାତୀୟ ଏକତା ସମ୍ପର୍କରେ ଶିବିରାର୍ଥୀଙ୍କୁ ଶିକ୍ଷା ଦିଆଯିବ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମନୋଜ ଜେନା, ଭୋକିଲା ସେଠୀ, ସାଇପ୍ରସାଦ ପାତ୍ର, ଅନୀଲ ପରିଡ଼ା, ବ୍ରହ୍ମପୁର ଲୋକସଭା କ୍ଷେତ୍ର ଯୁବ କଂଗ୍ରେସ ସଭାପତି ବିଶ୍ୱଜିତ ପାତ୍ରଙ୍କ ସମେତ ଇଲିଆସ ଖାନ ଏବଂ ଛାମୁଆ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ । ଧର୍ମନଗରସ୍ଥ ଏକ କଲ୍ୟାଣ ମଣ୍ଡପରେ ଶିକ୍ଷା ଶିବିର ଆୟୋଜନ କରାଯାଇଥିବା ସୂଚନା ଦିଆଯାଇଛି ।

# ଡକାୟତି ଯୋଜନା ପଣ୍ଡ, ୫ ଗିରଫ



ଗିରଫ ୫ ଅଭିଯୁକ୍ତ ।

ବ୍ରହ୍ମପୁର ଅଫିସ୍,୩୦।୯

**ମାରଣାସ୍ତ୍ର ଜବତ**

ବଡବଜାର ଥାନା ପୋଲିସ ଏକ ବଡଧରଣର ଡକାୟତି ଯୋଜନାକୁ ପଣ୍ଡ କରିଛି। ରବିବାର ୫ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ୩ ଖଣ୍ଡା ଓ ୨ଟି ବୋମା ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ ବ୍ରହ୍ମପୁର ରଙ୍ଗୁଣୀବନ୍ଧ ସାହି ପ୍ରଥମ ଲେନ୍‌ର ଅନିଲ ସାହୁ, ଅନିଲ ରେଡ୍ଡୀ, ଆନନ୍ଦନଗର ପାଣିଗ୍ରାହୀ ପେଣ୍ଠର ରାଧାକୃଷ୍ଣ ସାହୁ, ଲୋଚାପଡା ବାଢେଇ ସାହିର ମୁନା ସାହୁ ଏବଂ ଲାଞ୍ଜିପଲ୍ଲୀ ଢେପ ସାହିର ଶିବ କୁମାର ଘଣ୍ଟ। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ବଡବଜାର ଥାନା ବାଲ୍ୟ ଠାକୁରାଣୀ ମନ୍ଦିର ନିକଟ ଅଟୋନଗର ଅଞ୍ଚଳର ଏକ ସ୍ଥାନରେ ଡକାୟତି ଯୋଜନା ଚାଲିଥିବା ସୂଚନା ପାଇ ପୋଲିସ ଚଢାଉ କରିଥିଲା । ଜଣେ ବ୍ୟବସାୟୀଙ୍କ ଘରୁ ଡକାୟତି କରିବା ପାଇଁ ଯୋଜନା କରୁଥିଲେ ବୋଲି ଅଭିଯୁକ୍ତମାନେ ପୋଲିସ ନିକଟରେ ସ୍ୱୀକାର କରିଥିଲେ । ଏ ନେଇ ନଂ. ୧୫୯/୧୮ରେ ମାମଲା ରୁଜୁ ହୋଇଥିବା ଆଇଆଇସି ସୁରେଶ କୁମାର ତ୍ରିପାଠୀ କହିଛନ୍ତି ।

## ଏସ୍‌ବିଆଇ କର୍ମଚାରୀ ସଂଘ ଜିଲା ସମ୍ମିଳନୀ

**ବ୍ରହ୍ମପୁର ଅଫିସ,୩୦।୯:** ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସବିଆଇ) କର୍ମଚାରୀ ସଂଘର ଗଞ୍ଜାମ ଜିଲାସ୍ତରୀୟ ସମ୍ମିଳନୀ ରବିବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭୁବନେଶ୍ୱର ମଣ୍ଡଳ ସଭାପତି ଅନଦା ଶଙ୍କର ଜେନା ଅଧକ୍ଷତା କରିଥିବା ବେଳେ ଏସବିଆଇ ବ୍ରହ୍ମପୁର ଜୋନର ଡେପୁଟି ଜେନେରାଲ ମ୍ୟାନେଜର ସୁନୀଲ ଭାଟୁ ଖଇରନାର ମୁଖ୍ୟଅତିଥି ରୂପେ ଯୋଗଦେଇ ସମ୍ମିଳନୀକୁ ଉଦଘାଟନ କରିଥିଲେ। ଓଡ଼ିଶା ମଣ୍ଡଳ ଶାଖା ସାଧାରଣ ସମ୍ପାଦକ ଶିବ ପ୍ରସାଦ ବେହେରା ମୁଖ୍ୟବକ୍ତା ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗଙ୍ଗା ପ୍ରସାଦ ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ଉପେନ୍ଦ୍ର ଦାସ, ଜ୍ୟୋତି ଭୂଷଣ ମହାପାତ୍ର, ରଞ୍ଜନ ପତି, ଦେବରାଜ ପାଣିଗ୍ରାହୀ, ଭକ୍ତ ଚରଣ ମିଶ୍ର ପ୍ରମୁଖ ପୂର୍ବତନ ନେତାମାନେ ଯୋଗ ଦେଇଥିଲେ। ବ୍ୟାଙ୍କ କର୍ମଚାରୀଙ୍କ ସମସ୍ୟା ଓ ଏହାର ସମାଧାନ ନେଇ ଆଲୋଚନା କରାଯାଇଥିଲା । ଜିଲାର ସମସ୍ତ ଏସବିଆଇ ଶାଖାର କର୍ମଚାରୀମାନେ ଉପସ୍ଥିତ ଥିଲେ । ଏମଏନ ଶେଷ କୁମାର, ବି. ଗଣେଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବ୍ରହ୍ମପୁର ଜୋନର ଡେପୁଟି ଜେନେରାଲ ସେକ୍ରେଟାରୀ କୃଷ୍ଣଚନ୍ଦ୍ର ପାଢ଼ୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅରୁଣ କୁମାର ପଣ୍ଡା, ଭାସ୍କର ପ୍ରଧାନ ଓ ଅମିୟ ରଞ୍ଜନ ଦାସ ପ୍ରମୁଖ ସମ୍ମିଳନୀ ସଂଯୋଜନା କରିଥିଲେ ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା



ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ନର



@ ମନୋଜ



@ ଜିତୁ



@ ଆଦିତ୍ୟ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ବିଶ୍ୱ ଶ୍ରବଣବାଧିତ ଦିବସ ପାଳିତ

ବ୍ରହ୍ମପୁର ଅଫିସ,୩୦।୯

ଗଞ୍ଜାମ ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ବିଶ୍ୱ ଶ୍ରବଣ ବାଧିତ ଦିବସ ରବିବାର ପାଳିତ ହୋଇଯାଇଛି । ଏହି ଅବସରରେ ଏକ ସଚେତନତା ଶୋଭଯାତ୍ରା ହୋଇଥିଲା । ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଶୋଭାଯାତ୍ରା ଇଞ୍ଜିନିୟରିଂ ଛକରୁ ବାହାରି ସହର ପରିକ୍ରମା କରିବା ପରେ ରାଜସ୍ୱ ଡାକବଙ୍ଗଳା ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବଳରାମ ସେଠୀ, ହେଲେନ କେଲର ଦୃଷ୍ଟିହୀନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଙ୍କର୍ଷଣ ପାତ୍ର, ବିଏସଏସଓ କୃଷ୍ଣଚନ୍ଦ୍ର ବେହେରା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ କୁମାର ମଲ୍ଲିକ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ । ହେଲେନ କେଲର ବିଦ୍ୟାଳୟ ସମେତ ଶେରଗଡ ବାଳିକିଣା ଓ କଙ୍କରଡାସ୍ଥିତ ମୂକବଧିର ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ନିଜ ଆତ୍ମବିଶ୍ୱାସକୁ ବଜାୟ ରଖିବାକୁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ ।



ସଚେତନତା ଶୋଭାଯାତ୍ରାକୁ ଜିଲାପାଳ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

# ରାଜ୍ୟସ୍ତରୀୟ ଓଡ଼ିଆ ଗୀତିକବି ସମାବେଶ

ବ୍ରହ୍ମପୁର ଅଫିସ,୩୦।୯

ଓଡ଼ିଆ ଗୀତିକବି ସମାଜର ରାଜ୍ୟସ୍ତରୀୟ ସମାବେଶ ରବିବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ହୃଷୀକେଶ ପାଣିଗ୍ରାହୀ ଏହାକୁ ଉଦଘାଟନ କରିଥିବା ବେଳେ ବରିଷ୍ଠ ଗୀତିକବି ଗୌର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଗୀତିକବି ସମାଜ ତା'ର ରୌପ୍ୟ ଜୟନ୍ତୀ ପାଳନ କରୁଥିବା ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ସମାବେଶ କରାଯାଉଥିବା ସେ ସୂଚନା ଦେଇଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି ସୁଶାନ୍ତ ଦାସ ଅନ୍ୟତମ ଅତିଥି ଭାବେ ଯେଗଦେଇ ଗୀତି କବିତା ସରଳ, ବୋଧଗମ୍ୟ ଓ ଆନନ୍ଦଦାୟକ ବୋଲି ମତ ପ୍ରକାଶ କରିଥିଲେ । ସମାଜର ସମ୍ପାଦକ ମନୋଜ ପଟ୍ଟନାୟକ ଉପସ୍ଥିତ ଥିଲେ। ଗୀତିକବି ଗୌରହରି ଦଳାଇ ସମାବେଶରେ ଅଧକ୍ଷତା କରିଥିବା ବେଳେ ଇଂ. ପ୍ରଦୀପ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ହୋଇଥିବା କବିତା ପାଠୋତ୍ସବକୁ କବି ଗୌରହରି ଷଡ଼ଙ୍ଗୀ ସଂଯୋଜନା କରିଥିଲେ। ଡ଼. ହୃଷୀକେଶ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । କବୟିତ୍ରୀ ଓ କବିମାନଙ୍କ ସ୍ୱରଚିତ ସାହିତ୍ୟ କୃତିଗୁଡ଼ିକୁ ବାବାଜି ଜେନା, ମିତୃ ମମତା ପଟ୍ଟନାୟକ, ଜୟକୃଷ୍ଣ ଗୌଡ଼ ସମୀକ୍ଷା କରିଥିଲେ । ଇଂ. ପ୍ରଦୀପ ଷଡ଼ଙ୍ଗୀଙ୍କ କବିତା ସଂକଳନ 'ବିଭୋର ହୃଦୟ' ଲୋକାର୍ପିତ କରାଯାଇଥିଲା । କବି ପ୍ରହ୍ଲାଦ ବେହେରାଙ୍କୁ ବ୍ରହ୍ମପୁର ଅଧିବେଶନ ଗୀତିକବି ସମ୍ମାନ ପ୍ରଦାନ କରାଯାଇଥିଲା । ଦିପ୍ତୀମିତା ମହାପାତ୍ର ଧନ୍ୟବାଦ ଦେଇଥିଲେ ।

# ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

ବ୍ରହ୍ମପୁର ଅଫିସ, ୩୦।୯

ବ୍ରହ୍ମପୁର ମହାନଗର ନିଗମର ୩୫ ନଂ ୱାର୍ଡରେ ବିଜୁ ଯୁବ ବାହିନୀ ପକ୍ଷରୁ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଲାଞ୍ଜିପଲ୍ଲୀ ମ୍ୟୁନସିପାଲ କଲୋନୀରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବିଡିଏ ଅଧକ୍ଷ ସୁବାସ ମହାରଣା, ସ୍ଥାନୀୟ କର୍ପୋରେଟର ରଶ୍ମିତା ପାତ୍ର, କର୍ପୋରେଟର ସଂଘମିତ୍ରା ଦଳାଇ, ସୁରେନ୍ଦ୍ର ମହାରଣା, ଜଗନ୍ନାଥ ପାତ୍ର, ବିଜୁ ଯୁବ ବାହିନୀର ବିଏମସି କୋଅର୍ଡିନେଟର ଜେ. ଚନ୍ଦ୍ର ଶେଖର ମଞ୍ଚାସୀନ ଥିଲେ । ଏହି ଅବସରରେ କମାପଲ୍ଲୀ ଓଭରବ୍ରିଜ ନିକଟରେ ଥିବା ପାର୍କ ପାଚେରି ଓ ମ୍ୟୁନସିପାଲଟି କଲୋନୀରେ ଆଧୁନିକୀକରଣ କରାଯାଇଥିବା ଲାଇବ୍ରେରୀ, ଶୌଚାଳୟ ଓ ମୁନସିପାଲ କଲୋନୀ ରାସ୍ତାକୁ ମୁଖ୍ୟଅତିଥି ଉଦଘାଟନ କରିଥିଲେ । ଶେଷରେ ୱାର୍ଡର ଶିଶୁ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ ହୋଇଥିଲା ।



ମଞ୍ଚାସୀନ ଅତିଥି ବୃନ୍ଦ ।

# ୪୧ ହିତାଧିକାରୀଙ୍କୁ ଦିଆଗଲା ରାଜୀବ ଆବାସ

ବ୍ରହ୍ମପୁର ଅଫିସ,୩୦।୯



ମେୟର ଜଣେ ହିତାଧିକାରୀଙ୍କୁ ଆରଏୱାଇ ଚାବି ପ୍ରଦାନ କରୁଛନ୍ତି।

ବ୍ରହ୍ମପୁର ମହାନଗର ନିଗମ (ବିଏମସି)ର ୪ନଂ. ୱାର୍ଡ ଅନ୍ତର୍ଗତ ପିଟିପିଟାନଗରର ଯୋଗ୍ୟ ହିତାଧିକାରୀଙ୍କୁ ରବିବାର ରାଜୀବ ଆବାସ ଯୋଜନା (ଆରଏୱାଇ)ରେ ଗୃହ ହସ୍ତାନ୍ତର କରାଯାଇଛି । ଏ ନେଇ ଧାନମେରା ସାହି ଛକସ୍ଥିତ ଗାନ୍ଧୀ ମଣ୍ଡପରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ମେୟର କେ. ମାଧବୀ, କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ଅତିଥି ଭାବେ ଯୋଗ ଦେଇ ହିତାଧିକାରୀମାନଙ୍କୁ ସୋମନାଥନଗରରେ ନିର୍ମିତ ରାଜୀବ ଆବାସ ଚାବି ହସ୍ତାନ୍ତର ହସ୍ତାନ୍ତର କରିଥିଲେ। ପିଟିପିଟାନଗରରେ ପୂର୍ବରୁ ୧୧୪ ଜଣଙ୍କୁ ରାଜୀବ ଆବାସ ପ୍ରଦାନ ନେଇ ଆଲଟ୍‌ମେଣ୍ଟ ଅର୍ଡର ଓ ଲଟେରି ମାଧ୍ୟମରେ ଗୃହ ନଂ. ପ୍ରଦାନ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ୪୧ ଜଣଙ୍କୁ ଗୃହ ଚାବି ଦିଆଯାଇଛି । ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟମାନଙ୍କୁ ଗୃହ ଚାବି ହସ୍ତାନ୍ତର କରାଯିବ ବୋଲି କମିଶନର ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ଅନୀଲ ନାୟକଙ୍କ ସମେତ ସହକାରୀ ନିର୍ବାହୀଯନ୍ତ୍ରୀ ଏମ. ନାଗେଶ୍ୱର ସୁବୁଦ୍ଧି, ଆନ୍ଧ୍ରବ୍ୟାଙ୍କ ଆସ୍କାରୋଡ ଶାଖା ପରିଚାଳକ ବାସୁଦେବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଗଠନ ହେଲା ମିଳିତ ଶିକ୍ଷକ ସଂଘ

**ଶେରଗଡ,୩୦।୯(ଡି.ଏନ୍.ଏ.):** ଶେରଗଡ ବ୍ଲକର ସମସ୍ତ ଶିକ୍ଷକ ସଂଘର ବୈଠକ ସ୍ଥାନୀୟ ଜୟଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ପ୍ରାଥମିକ ଶିକ୍ଷକ ସଂଘ, ଶିକ୍ଷା ସହାୟକ ସଂଘ, ଜିଲାପରିଷଦ ଶିକ୍ଷକ ସଂଘର କର୍ମକର୍ତ୍ତା ଙ୍କ ଉପସ୍ଥିତିରେ ଶେରଗଡ ବ୍ଲକ ମିଳିତ ଶିକ୍ଷକ ସଂଘ ଗଠନ କରିବା ନେଇ ପ୍ରସ୍ତାବ ଆଗତ ହୋଇଥିଲା। ସର୍ବ ସମ୍ମତିକ୍ରମେ ଏହାକୁ ଗ୍ରହଣ କରାଯାଇଥିଲା। ଗଞ୍ଜାମରେ ପ୍ରଥମ କରି ଆରମ୍ଭ କରାଯାଇଥିବା ଗୁରୁଦକ୍ଷିଣା କାର୍ଯ୍ୟକ୍ରମକୁ ମିଳିତ ଶିକ୍ଷକ ସଂଘ ନାପସନ୍ଦ କରିଥିଲା। ଆଗାମୀ ଦିନରେ ଏ ପ୍ରକାର ଅର୍ଥ ଆଦାୟ ନିର୍ଦ୍ଦେଶନାମାକୁ ସଂଘ ସହଯୋଗ କରିବ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ପରେ ବ୍ଲକ ମିଳିତ ଶିକ୍ଷକ ସଂଘର ସଭାପତି ଭାବେ ଶିକ୍ଷକ କାଳୀଚରଣ ଚୌଧୁରୀ, ଉପସଭାପତି ଭାବେ ଅଜିତ କୁମାର ପାଢ଼ୀ, ସମ୍ପାଦକ ଭାବେ ଅଶୋକ କୁମାର ସ୍ୱାଇଁ, ଯୁଗ୍ମ ସମ୍ପାଦକ ଭାବେ ମୁନା ସେଠୀ, କୋଷାଧ୍ୟକ୍ଷ ଭାବେ ଜୟ ପ୍ରକାଶ ଜେନା, ଉପଦେଷ୍ଟା ଭାବେ ପ୍ରଫୁଲ୍ଲ କୁମାର ପଣ୍ଡା ଓ ସୀମାଞ୍ଚଳ ପ୍ରଧାନଙ୍କୁ ନିଆଯାଇଛି। ଏଥି ସହିତ ପ୍ରତି ସଂଘର କିଛି ଶିକ୍ଷକ ମିଳିତ ଶିକ୍ଷକ ସଂଘରେ କାର୍ଯ୍ୟାକାରୀ ସଭ୍ୟ ଭାବେ ମନୋନିତ ହୋଇଛନ୍ତି।

### ବିଜେଡିର ପ୍ରସ୍ତୁତି ବୈଠକ

**ପୁରୁଷୋତ୍ତମପୁର,୩୦।୯(ଡି.ଏନ୍.ଏ.):** ପୁରୁଷୋତ୍ତମପୁର ପୂର୍ତ୍ତବିଭାଗୀୟ ଡାକ ବଙ୍ଗଳା ପରିସରରେ ରବିବାର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ନେଇ ପ୍ରସ୍ତୁତି ବୈଠକ ବରିଷ୍ଠ ନେତା ବାଉରୀ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇଥିବା ବେଳେ ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ପଣ୍ଡା, ଜିଲା ବିଜେଡି ଉପସଭାପତି ଗୌରୀଶଙ୍କର ରାଉଳ, ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ଦାଶ, ନରସିଂହ ପଣ୍ଡା, ବ୍ଲକ ଯୁବ ବିଜେଡି ସଭାପତି ଅନାଦି ବେହେରା, କାଉନସିଲର ଅଶୋକ କୁମାର ମହାକୁଡ଼, ନକୁଳ କୁମାର ସାହୁ ପ୍ରମୁଖ ଯୋଗ ଦେଇ କିଭଳି ଜନସମ୍ପର୍କ କରାଯିବ, କିପରି ସମସ୍ତ କର୍ମୀ ଯୋଗଦେବେ, ଦଳର ଆଭିମୁଖ୍ୟ କିଭଳି ଲୋକଙ୍କଠାରେ ପହଞ୍ଚିବ ସେ ନେଇ ଆଲୋଚନା କରିବା ସହ ଜନସାଧାରଣଙ୍କ ଅଭିଯୋଗମାନ ବିଧାୟକ ପଚାରି ବୁଝିଥିଲେ। ପୁରୁଷୋତ୍ତମପୁର ବ୍ଲକର ୧୫ଟି ପଞ୍ଚାୟତ ଓ ଏନ୍ଏସିରେ ଆସନ୍ତା ୧୨,୧୩ ଓ ୧୪ରେ ପଦଯାତ୍ରା କରିବାକୁ ନିଷ୍ପତ୍ତି ନେଇଥିଲେ।

### ବହୁଭାଷୀ ଶିକ୍ଷା ସହାୟକ ସଂଘର ବୈଠକ

**ବାଲିଗୁଡ଼ା, ୩୦.୯(ଡି.ଏନ୍.ଏ.):** କନ୍ଧମାଳ ଜିଲା ବାଲିଗୁଡ଼ାଠାରେ ବହୁଭାଷୀ ଶିକ୍ଷା ସହାୟକ ସଂଘର ଏକ ବୈଠକ ସଭାପତି ବିବେକାନନ୍ଦ କହଁରଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୧୨ଟି ବ୍ଲକ୍‌ର ସଭାପତି, ସମ୍ପାଦକ ଏବଂ କାର୍ଯ୍ୟରତ ଶିକ୍ଷକ, ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ରହି ଅନ୍ୟ ୧୫ଟି ଜିଲାର ବହୁଭାଷୀ ଶିକ୍ଷା ସହାୟକଙ୍କୁ ଓପେପା ଦ୍ୱାରା ସ୍ୱୀକୃତି ପାଇଥିବା ଚିଠି ନଂ. ୮ ହଜାର ୩୯୬ ପ୍ରକାରେ କନିଷ୍ଠ ଶିକ୍ଷକଙ୍କୁ ପଦୋନ୍ନତି ଦିଆଯାଇଥିବା ବେଳେ ଅନୁନ୍ନତ କନ୍ଧମାଳ ଜିଲାର ଏହି ଶିକ୍ଷକଙ୍କୁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଅଣଦେଖା ସହ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର କରୁଥିବା ବିଷୟ ବୈଠକରେ ଅଭିଯୋଗ ହୋଇଥିଲା। ଏନେଇ ବାଲିଗୁଡ଼ାରେ ଆୟୋଜିତ ବୈଠକରେ ସମସ୍ତ ବହୁଭାଷୀ ଶିକ୍ଷା ସହାୟକ ନିଯୁକ୍ତି ପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟବନ୍ଦ ଆନ୍ଦୋଳନ ସହ ରାଜରାସ୍ତାକୁ ଓହ୍ଲାଇବା ପାଇଁ ନିଷ୍ପତ୍ତି କରିଥିବା ବିଷୟ ଜିଲା ସଭାପତି, ସମ୍ପାଦକ ଶିକ୍ଷକ ଶିକ୍ଷୟିତ୍ରୀ ସମୂହ ଧମକ ଦେଇଛନ୍ତି।

### ସଫେଇ କାର୍ଯ୍ୟକ୍ରମ

**ବେଗୁନିଆପଡ଼ା,୩୦।୯(ଡି.ଏନ.ଏ.):** ବେଗୁନିଆପଡ଼ା ବ୍ଲକର ବେଗୁନିଆପଡ଼ାରେ ରବିବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୁ ଯୁବ ବାହିନୀ ସଭାପତି ତଥା ସରପଞ୍ଚ ଅରୁଣ କୁମାର ମାଝି, ସମ୍ପାଦକ ସନ୍ତୋଷ କୁମାର ଦାସ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ପଣ୍ଡା, ସୁର ପ୍ରଧାନ, ଶିକ୍ଷକ ନାରାୟଣ ଭୂୟାଁ, ପାଇକ ସାହି ସ୍କୁଲ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ବିଷୋୟୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅରକ୍ଷିତ ସାସମଲ, ଅଙ୍ଗନୱାଡ଼ି କର୍ମୀ, ସହାୟିକା ଓ ବିଜୁ ବାହିନୀ ସଦସ୍ୟମାନେ ସାମିଲ ହୋଇଥିଲେ। ଗୋଲା ସାହିସ୍ଥିତ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରୁ ଆରମ୍ଭ କରି ହନୁମାନ ଛକ ହୋଇ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ସଫେଇ କରିଥିଲେ।

# ହୁଣ୍ଡିଘରର ବିକାଶ କରିବ ପ୍ରଶାସନ

- ଆଦିବାସୀଙ୍କ ଗ୍ରାମଦେବୀଙ୍କ ପୀଠ ହେଉଛି ହୁଣ୍ଡିଘର
- ଜୟପୁର ବନଖଣ୍ଡରେ ରହିଛି ୬୬ ହୁଣ୍ଡିଘର
- ଗୋଟିଏ ହୁଣ୍ଡିଘର ପାଇଁ ଖର୍ଚ୍ଚ ହେବ ଦେଢ଼ଲକ୍ଷ ଟଙ୍କା

**ଜୟପୁର,୩୦।୯(ନି.ପ୍ର.)**

କୋରାପୁଟ ଜିଲାର ବନାଞ୍ଚଳରେ ଥିବା ଗ୍ରାମଦେବୀ ବା ହୁଣ୍ଡିଘରର ବିକାଶ କରିବା ପାଇଁ ପଦକ୍ଷେପ ନେଇଛି ପ୍ରଶାସନ । ଜୟପୁର ବନଖଣ୍ଡରେ ୬୬ଟି ହୁଣ୍ଡିଘର ବା ଗ୍ରାମଦେବୀଙ୍କ ପୀଠକୁ ଚିହ୍ନଟ କରାଯାଇଛି । ଜୟପୁର ବନଖଣ୍ଡ ଓ କୋରାପୁଟ ବନଖଣ୍ଡର ପବିତ୍ର ଉପବନ ନାମରେ ଏକ ଯୋଜନା ଦ୍ୱାରା ଜଙ୍ଗଲରେ ପୂଜା କରାଯାଉଥିବା ଗ୍ରାମଦେବୀ ବା ହୁଣ୍ଡି ନିକଟରେ ବିକାଶ କରାଯିବ । ଉକ୍ତ ଅଞ୍ଚଳର ବିଭିନ୍ନ ପ୍ରଜାତି ଗଛ, ଚମ୍ପା, ଅର୍ଜୁନ, ବର, ଅଶ୍ୱତ୍ଥ, ଅଁଳା, ବାହାଡ଼ା, କଦମ୍ବ, ନିମ୍ବ, ଆମ୍ବ, ପଣସ ଭଳି ଔଷଧୀୟ ଓ ଅନ୍ୟ ଚାରା ଲଗାଯାଇ ଏହାର ସୌନ୍ଦର୍ଯ୍ୟକରଣ ସହ ଏକ ମଣ୍ଡପ କରାଯିବ । ସେହିଠାରେ ଜଳସେଚନ ସୁବିଧା ପାଇଁ ନଳକୂପ କିମ୍ବା କୂଅ ଖୋଳାଯିବ।



ଆଦିବାସୀଙ୍କ ଗ୍ରାମଦେବୀଙ୍କ ପୀଠ ।

ଏହାଦ୍ୱାରା ଗଛ ଲଗାଇବା ସହ ଧାର୍ମିକ ଭାବନା ଜାଗ୍ରତ ହୋଇପାରିବ। ସେହି ସ୍ଥାନରେ ଗଛକଟା ଓ ଶିକାର କରିବା ମନା। ଜୟପୁର ବନଖଣ୍ଡର ଜୟପୁର, ବୈପାରୀଗୁଡ଼ା, ଗୁପ୍ତେଶ୍ୱର, କୁନ୍ଦୁରା, କୋଟପାଡ଼, ବୋରିଗୁମ୍ମା ବନାଞ୍ଚଳରେ ଥିବା ହୁଣ୍ଡି ଘରର ବିକାଶ ହେବ । ଗୋଟିଏ ବନାଞ୍ଚଳରେ ୧୧ଟି ଲେଖାଏଁ ହୁଣ୍ଡିଘରର ବିକାଶ କରାଯିବା ଲକ୍ଷ୍ୟ ରହିଛି । ଗୋଟିଏ ହୁଣ୍ଡିଘର ପାଇଁ ଦେଢ଼ଲକ୍ଷ ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ଜିଲା ପ୍ରଶାସନ ଏହି ଅନୁଦାନ ରାଶି ମଞ୍ଜୁର କରଛି। ଏହାକୁ ବନ ବିଭାଗ ଖର୍ଚ୍ଚ କରିବ । ଏହା ଦ୍ୱାରା ଉପାନ୍ତ ଅଞ୍ଚଳର ଗ୍ରାମବାସୀଙ୍କ ମଧ୍ୟରେ ପରିବେଶ ପାଇଁ ସଚେତନତା, ଜଙ୍ଗଲର ଉପାଦେୟତା ଉପରେ ଜ୍ଞାନ ଆସିବ । ବର୍ତ୍ତମାନ ଆଧୁନିକ ଯୁଗରେ ପ୍ରକୃତିର ଉପାସନା, ସଂରକ୍ଷଣ ଓ ମାନବ ସମାଜର ପ୍ରକୃତି ଉପରେ ନିର୍ଭରଶୀଳତା ଯୋଗୁଁ ପବିତ୍ର ଉପବନ ଯୋଜନା ଦ୍ୱାରା ଜଙ୍ଗଲ କ୍ଷୟ ହେବାରୁ ରୋକାଯାଇପାରିବ ବୋଲି ଡିଏଫ୍‌ଓ ଅଶ୍ୱିନି କର ପ୍ରକାଶ କରିଛନ୍ତି ।

# କଂଗ୍ରେସ ଛାଡ଼ିପାରନ୍ତି କୃଷ୍ଣଚନ୍ଦ୍ର ସଗରିଆ

**ଅଞ୍ଚଳରେ ଚର୍ଚ୍ଚା**

**କୋରାପୁଟ,୩୦।୯(ସ୍ୱ.ପ୍ର.)**

କୋରାପୁଟ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ କଂଗ୍ରେସ ଛାଡ଼ିବେ। ରବିବାର ପରୋକ୍ଷରେ ସେ ଦେଇଥିବା ଏଭଳି ଇଙ୍ଗିତରୁ ଏଭଳି ଅନୁମାନ କରାଯାଉଛି। ନିକଟରେ ଘୋଷିତ କଂଗ୍ରେସର ରାଜ୍ୟ ଅନୁସୂଚିତ ଜାତି ସେଲର ଅଧ୍ୟକ୍ଷ ପଦରୁ ସଗରିଆଙ୍କୁ କଢ଼ାଯାଇ ତାଙ୍କୁ ରାଜ୍ୟ ସାଧାରଣ ସଂପାଦକ ପଦବୀ ଦିଆଯାଇଛି। ଏଥିରେ ସେ ଅସନ୍ତୁଷ୍ଟ ଓ ଖପ୍‌ପା ଥିବା ଆଲୋଚନା ହେଉଛି। ନିରଞ୍ଜନ ପଟ୍ଟନାୟକ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭାବେ କମାଣ ସମ୍ଭାଳିବା ପରେ କୋରାପୁଟ ବିଧାୟକ ସଗରିଆଙ୍କ ସହ ତାଙ୍କର ସଂପର୍କ ଭଲ ନଥିବା କୁହାଯାଉଛି। ଅକ୍ଟୋବର ପହିଲାରେ ସେ ଭୁବନେଶ୍ୱରଠାରେ ଖବରଦାତା ସମ୍ମିଳନୀ କରି ପିସିସି ମୁଖିଆଙ୍କୁ ନିଜର ଇସ୍ତଫା ପତ୍ର ପ୍ରଦାନ କରିବେ ବୋଲି ତାଙ୍କ ନିକଟତର ଓ ସହଯୋଗୀଙ୍କ ଭିତରେ ଜୋରଦାର ଚର୍ଚ୍ଚା ଚାଲିଛି। ଏନେଇ କୋରାପୁଟ ବିଧାୟକ ସଗରିଆଙ୍କୁ ଯୋଗାଯୋଗ କରିବାରୁ ସେ ଏପରି କଥାକୁ ସିଧାସଳଖ ନ ଏଡ଼ାଇ ପରୋକ୍ଷରେ ଏଭଳି ଚର୍ଚ୍ଚାକୁ ସ୍ୱୀକୃତି ଦେଇଛନ୍ତି। ତେବେ ଦଳ ଛାଡ଼ିଲେ ସେ ଅନ୍ୟ କେଉଁ ଦଳର ହାତ ଧରିବେ, ସେ ବାବଦରେ କିନ୍ତୁ ବିଶେଷ କିଛି ଆଲୋଚନା ଶୁଣିବାକୁ ମିଳିନାହିଁ।

# ନୂଆଖାଇ ଭେଟଘାଟ ଉତ୍ସବ

- ଭାଇଚାରା ପାଇଁ ପଶ୍ଚିମାଞ୍ଚଳବାସୀ ଏକାଠି



ଭେଟଘାଟରେ ଏକାଠି ହୋଇଛନ୍ତି ପଶ୍ଚିମାଞ୍ଚଳବାସୀ ।

**କୋରାପୁଟ,୩୦।୯(ସ୍ୱ.ପ୍ର.)**

କୋରାପୁଟ ଜିଲାର ବିଭିନ୍ନ ଅଞ୍ଚଳରେ ରହୁଥିବା ପଶ୍ଚିମାଞ୍ଚଳ ଭାଷାଭାଷୀ ଲୋକଙ୍କୁ ଏକତ୍ର କରିବା ସହ ସେମାନଙ୍କ ମଧ୍ୟରେ ଭାଇଚାରା ମନୋଭାବ ସୃଷ୍ଟି କରିବା ଉଦ୍ଦେଶ୍ୟରେ ରବିବାର ସ୍ଥାନୀୟ ଆଲିଶାନ ହୋଟେଲରେ ନୂଆଖାଇ ଭେଟଘାଟ ଆୟୋଜିତ ହୋଇଛି। ଜଳ ବିଭାଜିକା ମିଶନର ପ୍ରକଳ୍ପ ନିର୍ଦ୍ଦେଶକ ଭବାନି ଶଙ୍କର କାଲୋ ମୁଖ୍ୟ ଅତିଥି ଭାବେ ମା' ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । କୋରାପୁଟ ଜିଲା ପଶ୍ଚିମ ଓଡ଼ିଶା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସଭାପତି ଡ. ଦୟାନିଧି ବାଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଏସ୍‌ପି ଉଦ୍ଧବ ନାୟକ, ଶିକ୍ଷାବିତ ନାରାୟଣ ପଣ୍ଡା, ପୂର୍ବତନ ଜିଲାପାଳ ଗଦାଧର ପରିଡ଼ା, କୋଟସର ନିର୍ଦ୍ଦେଶକ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ପ୍ରାଧ୍ୟାପକ ଡ. ଜଗବନ୍ଧୁ ସାମଲ ଉପସ୍ଥିତ ଥିଲେ। ଏହି ଅବସରରେ ଏଠାରେ ଓଡ଼ିଶାର ପାରମ୍ପରିକ ପିଠା ପ୍ରଦର୍ଶନୀ ସହ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରଦର୍ଶନୀରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ବଲପୁର ଜିଲାରୁ ଆସିଥିବା ସାଂସ୍କୃତିକ ଦଳ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ । କୋରାପୁଟ ଟାଉନ ଥାନା ଅଧିକାରୀ କ୍ଷିରେଶ୍ୱର ସାହୁ, ବିନୟ ପଟେଲ, ଜଗନ୍ନାଥ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ସଫେଇ ଅଭିଯାନରେ ମହିଳା ସାମିଲ

**ଦାରିଙ୍ଗବାଡ଼ି,୩୦।୯(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକ ବୁଡାଗୁଡ଼ାଠାରେ ଶୁକ୍ରବାର ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅନ୍ୟମାନେ ସଫେଇ ଅଭିଯାନରେ ସାମିଲ ହୋଇଛନ୍ତି। ଗ୍ରାମ ପରିବେଶ ସୁନ୍ଦର ଓ ସ୍ୱଚ୍ଛ ରଖିବା ପାଇଁ ବୁଡାଗୁଡ଼ା ସ୍ୱଚ୍ଛ ଭାରତ ମିଶନର ପ୍ରବର୍ତ୍ତନକାରୀ ସୁମିତ୍ରା ପାତ୍ର, ସ୍ୱୟଂ ସହାୟିକା ଗୋଷ୍ଠୀର ନିବେଦିତା ପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଞ୍ଚଳର ନାରୀ ମହାସଂଘର ଶତାଧିକ ମହିଳା ସଫେଇ କାର୍ଯ୍ୟକ୍ରମରେ ସାମିଲ ଥିଲେ । ବୁଡାଗୁଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଶିବ ମନ୍ଦିର ପ୍ରାଙ୍ଗଣ, ପଞ୍ଚାୟତ କାର୍ଯ୍ୟାଳୟ, ବଜାର ଛକ ଗୁଡ଼ିକରେ ସଫେଇ କରାଯିବା ସହ ସେସବୁ ସ୍ଥାନରେ ଅଳିଆ ଆବର୍ଜନା ନ ପକାଇବାକୁ କୁହାଯାଇଥିଲା । ସେହିପରି ସମସ୍ତେ ପଲିଥିନ ବର୍ଜନ କରିବାକୁ କୁହାଯାଇଥିଲା। ଅଞ୍ଚଳରେ ୧୦୬୬ ପାଇଖାନା ନିର୍ମାଣ କରାଯିବାକୁ ଥିବାବେଳେ ୧୦୦୬ଟିର କାର୍ଯ୍ୟ ସରିଛି। ବଳକା ଥିବା ୬୦ଟିର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରି ବାହ୍ୟ ମଳମୁକ୍ତ ଅଞ୍ଚଳ କରିବା ପାଇଁ ମହିଳା ମାନେ ସଚେତନ କରାଇଥିଲେ ।



ମହିଳାମାନେ ସଫେଇ କରୁଛନ୍ତି।

# ଆକାଶବାଣୀ କେନ୍ଦ୍ର ବ୍ରହ୍ମପୁରର ଯୁବବାଣୀ କାର୍ଯ୍ୟକ୍ରମ

**ଚିକିଟି,୩୦।୯(ଡି.ଏନ.ଏ.)**

ଚିକିଟିଗଡସ୍ଥିତ ମହାବିଦ୍ୟାଳୟ ପରିସରରେ ଶନିବାର ଅପରାହ୍ନରେ ଆକାଶବାଣୀ କେନ୍ଦ୍ର ଆନୁକୁଲ୍ୟରେ ଯୁବବାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଡଃ ବିଚିତ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ରର ନିର୍ଦ୍ଦେଶକ ତଥା ମଞ୍ଚ ଉପସ୍ଥାପକ ହୃଷୀକେଷ ପାଣିଗ୍ରାହୀ ଯୋଗଦେଇ ଚିକିଟି ଅଞ୍ଚଳରେ ସାହିତ୍ୟ, କଳା, ସଂସ୍କୃତି, ନାଟକ ଅତୀ ପ୍ରାଚୀନ କାଳରୁ ପ୍ରସିଦ୍ଧ ରୂପେ ସାରା ଓଡ଼ିଶାରେ ସୁପରିଚିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କାର୍ଯ୍ୟକ୍ରମର ସମ୍ପାଦକ ସୁଧାକର ଚନ୍ଦ୍ର ବେହେରା ଏବଂ ଓଡ଼ିଆ ଅଧ୍ୟାପକ ଡ. ସଞ୍ଜୟ କୁମାର ପଣ୍ଡା ଯୋଗଦେଇ ଯୁବବାଣୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ବିଶ୍ୱନାଥ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଡଃ ରାମ ଶଙ୍କର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଫୁଟବଲ ଟୁର୍ନାମେଣ୍ଟ: ସିଓ୍ୱାଇଏ ଚାମ୍ପିୟନ

**କୋରାପୁଟ,୩୦।୯(ସ୍ୱ.ପ୍ର.)**

କୋରାପୁଟ ବ୍ଲକ ମସ୍ତିପୁଟ ପଞ୍ଚାୟତ ବାସପୁଟ ଗ୍ରାମରେ ରବିବାର ଏକ ଦିନିକିଆ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଫାଇନାଲରେ ରଙ୍ଗବାଲି କୁମ୍ଭା ଦଳକୁ ୧–୦ ଗୋଲରେ ପରାସ୍ତ କରି ମସ୍ତିପୁଟ ସିଓ୍ୱାଇଏ ଦଳ ବିଜୟୀ ହୋଇଛି । ଅତିଥି ଭାବେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପଟ୍ଟାଙ୍ଗି ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ପୂର୍ବତନ ବିଧାୟକ ରଘୁରାମ ପଡାଲ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ। ଏଥିରେ କୋରାପୁଟ ବ୍ଲକର ପ୍ରାୟ ୧୦ଟି ଦଳ ଭାଗ ନେଇଥିଲେ। ବିଜୟୀ ସିଓ୍ୱାଇଏ ଦଳକୁ ୭ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ ରଙ୍ଗବାଲି କୁମ୍ଭା ଦଳକୁ ଟ୍ରଫି ସହ ନଗଦ ୫ ହଜାର ଟଙ୍କା ପୁରସ୍କାର ଦିଆଯାଇଥିଲା। ମଣ୍ଟୁ ବେନିଆ ଏହି ପ୍ରତିଯୋଗିତାର ଆୟୋଜନ କରିଥିବାବେଳେ ଏଥିରେ ଜିଲା ପରିଷଦ ଉପାଧ୍ୟକ୍ଷା ତୁଳସୀ କର୍ସାନି, ଜିଲା ପରିଷଦ ସଭ୍ୟା ପାର୍ବତି ମସ୍ତି, ଜିଲା ଯୁବ ବିଜେଡି ସଭାପତି ଅମିତ ଅଗ୍ରୱାଲ, ତ୍ରିନାଥ ପାଥିକା, ରଘୁରାମ ମାଛ, ମସ୍ତିପୁଟ ସରପଞ୍ଚ ଦୁର୍ଜୟ ମୁଦୁଲି ଉପସ୍ଥିତ ଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ ।

# ବ୍ରାହ୍ମଣଙ୍କ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଅଞ୍ଚଳର ବ୍ରାହ୍ମଣମାନେ ।

**କୁନ୍ଦୁରା,୩୦।୯(ଡି.ଏନ୍.ଏ)**

ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ କୁନ୍ଦୁରା ବ୍ଲକ୍‌ର ୧୬ଟି ପଞ୍ଚାୟତର ବ୍ରାହ୍ମଣ ସମାଜର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସାମାଜିକକର୍ମୀ ବ୍ରାହ୍ମଣ ଉଦୟନାଥ ସାହୁ ସଭାପତିତ୍ୱ କରିଥିଲେ। ୧୪ରେ ଆୟୋଜିତ ହେବାକୁ ଥିବା ଜିଲା ସ୍ତରୀୟ ବ୍ରାହ୍ମଣ ସମାଜ କାର୍ଯ୍ୟକ୍ରମ ନିମନ୍ତେ ବିଭିନ୍ନ ଅଞ୍ଚଳରୁ ବ୍ରାହ୍ମଣମାନେ ଯୋଗଦେବେ। ଜୟପୁର, କୋଟପାଡ଼, ବୈପାରୀଗୁଡ଼ା, ବୋରିଗୁମ୍ମା ବ୍ଲକ୍‌ର ବ୍ରାହ୍ମଣମାନେ ମଧ୍ୟ ଯୋଗଦେବେ। ବ୍ରାହ୍ମଣ ସମାଜର ରୀତିନୀତି ଓ ପରମ୍ପରା କିପରି ବଜାୟ ରହିବ ସେ ନେଇ ବୈଠକରେ ଆଲୋଚିତ ହୋଇଛି। କାର୍ଯ୍ୟକ୍ରମରେ ରାଧାନାଥ ଭଞ୍ଜ, ରାଧାପ୍ରସାଦ ପାତ୍ର, ଗୋବିନ୍ଦ ଚନ୍ଦ୍ର ନାୟକ, ନରସିଂହ ସାହୁ, ଉପେନ୍ଦ୍ର ପାଣିଗ୍ରାହୀ, ରାମକୃଷ୍ଣ ସାବତ , ଟୁଲୁ ରଥ ପ୍ରମୁଖ ଉପସ୍ଥିତ ଥିଲେ।

- ପୌରସଂସ୍ଥାର ଜବରଦଖଲ ଉଚ୍ଛେଦ

# ଅସ୍ଥାୟୀ ବ୍ୟବସାୟୀଙ୍କ ବିରୋଧ

**ସେମିଳିଗୁଡ଼ା, ୩୦।୯(ସ୍ୱ.ପ୍ର.):**

କୋରାପୁଟ ଜିଲା ସୁନାବେଡ଼ା ପୌରସଂସ୍ଥା ପକ୍ଷରୁ ସେମିଳିଗୁଡ଼ାରେ ଜବରଦଖଲ ଉଚ୍ଛେଦକୁ ଉଠା ବ୍ୟବସାୟୀ ଘୋର ବିରୋଧ କରିଛନ୍ତି। କୌଣସି ସୂଚନା ନ ଦେଇ ଉଚ୍ଛେଦ କରାଯାଇଥିବା ଉଠା ବ୍ୟବସାୟୀ କହିଛନ୍ତି। ଅନେକ ଥର ଚାଷୀ ଏବଂ ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯାଇଥିଲେ ମଧ୍ୟ ଥଇଥାନ ପାଇଁ କୌଣସି ବ୍ୟବସ୍ଥା କରାଯାଉନାହିଁ। ଫଳରେ ବ୍ୟବସାୟ ପାଇଁ ଦୁର୍ଗମ ଅଞ୍ଚଳରୁ ଆସୁଥିବା ଚାଷୀମାନେ ନାନା ପ୍ରକାର ହଇରାଣ ହରକତ ହେଉଥିବା ଅଭିଯୋଗ ହୋଇଛି। କେଉଁଠି ବସି ଚାଷୀମାନେ ସେମାନଙ୍କର ଫସଲ ଏବଂ ସାମଗ୍ରୀ ବିକ୍ରି କରିବେ କିମ୍ବା କେଉଁ ସ୍ଥାନରେ ବସିପାରିବେ ନାହିଁ ସେ ନେଇ ବୋର୍ଡ଼ ଲଗାଯାଇନାହିଁ ବୋଲି ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଡାକବାଜି ଯନ୍ତ୍ର ସାହାଯ୍ୟରେ ସୂଚନା ଦିଆଯାଇ ଜବରଦଖଲ ଉଚ୍ଛେଦ କରାଯାଉଛି ବୋଲି ପୌର ନିର୍ବାହୀ ଯନ୍ତ୍ରୀ କହିଛନ୍ତି। ଏ ସମ୍ପର୍କରେ ଉଠାଦୋକନୀମାନଙ୍କୁ ନୋଟିସ୍ କରିବା ଆବଶ୍ୟକତା ନାହିଁ ବୋଲି ନିର୍ବାହୀଯନ୍ତ୍ରୀ କହିଥିବାବେଳେ ଏହା କେଉଁ ନିୟମ ବୋଲି ବ୍ୟବସାୟୀଙ୍କ ପକ୍ଷରୁ ପ୍ରଶ୍ନ କରାଯାଇଛି।



ଉଚ୍ଛେଦ ସମୟରେ ବ୍ୟବସାୟୀଙ୍କ ବିରୋଧ ।

# କୃଷି, ମିଳନର ପର୍ବ ବାଲିଯାତ୍ରା

**ବୈପାରୀଗୁଡ଼ା,୩୦।୯(ଡି.ଏନ୍.ଏ.)**

ବହୁ ପ୍ରତୀକ୍ଷିତ କୃଷି ଓ ମିଳନର ପର୍ବ ବାଲିଯାତ୍ରା ରବିବାର ପାଳିତ ହୋଇଛି । ଏହି ଅବସରରେ ସ୍ଥାନୀୟ ଇଷ୍ଟଦେବୀ ବୀରଖମ୍ବ ଠାକୁରାଣୀଙ୍କ ପ୍ରତୀକ ସ୍ୱରୂପ ଲାଠି ଏକ ପଟୁଆରରେ ବାହାରି ବୈପାରୀଗୁଡା ଗ୍ରାମବାସୀଙ୍କ ଘର ଅଗଣାରେ ପୂଜା ପାଇଥିଲା । ଧୂପ ଦୀପ ନୈବେଦ୍ୟରେ ସମଗ୍ର ପରିସର ଆଧ୍ୟାତ୍ମିକ ପାଲଟି ଯାଇଥିଲା । ପାହାନ୍ତା ପହରରେ ଲାଠି ବାଲି କୁଡିଆ ନିକଟରେ ପହଞ୍ଚିଥିଲା ସେଠାରେ ଏକ ଛାଗ ବଳି ଦେବା ପରେ ବାଲିକୁଡିଆ ଉଜୁଡା ଯାଇଥିଲା । ଏହି ଅବସରରେ ପୁରପଲ୍ଲିରୁ ଲୋକେ ଏଠାକୁ ଆସି ଦେବୀଙ୍କ ପୂଜାର୍ଚ୍ଚନା କରିବା ସହ ଆଦିବାସୀ ନାଚର ମଜା ନେଇଥିଲେ । ପୂଜା କମିଟି ଓ ପୋଲିସ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲା। ଏଠାରେ ସୂଚନାଯୋଗ୍ୟ ଯେ ପ୍ରତିବର୍ଷ ଗଣେଶ ଚତୁର୍ଥୀ ବାସି ୯ମ ଦିନଠାରୁ ଏହି ଯାତ୍ରା ଆରମ୍ଭ ହୋଇଥାଏ। ସ୍ଥାନୀୟ କୁକୁଡ଼ା ନାଳରେ କେତେକ ଟାଙ୍ଗୁଡିରେ ବାଲି ସଂଗ୍ରହ କରାଯାଇ ସେଠାରେ ଆଦିବାସୀ ଦିଶାରୀଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଏ । ଏସବୁ ବାଲିଭର୍ତ୍ତି ଟାଙ୍ଗୁଡିକୁ ଏକ ଶୋଭାଯାତ୍ରାରେ ଅଣାଯାଇ ଦୁର୍ଗାମନ୍ଦିର ନିକଟରେ ଅସ୍ଥାୟୀ ଭାବେ ନିର୍ମିତ ଏକ ବାଲି କୁଡିଆରେ ସ୍ଥାପନ କରାଯାଇଥାଏ । ଚାଷୀଙ୍କ ଘରକୁ ଘର ବୁଲି ବିଭିନ୍ନ ଶସ୍ୟ ବିହନ ସଂଗ୍ରହ କରାଯାଇ ଏହି ବାଲିରେ ବୁଣାଯାଏ । ପ୍ରତିଦନ ବିହନ ଉପରେ ହଳଦୀ ପାଣି ସିଞ୍ଚନ କରାଯାଇ ପୂଜାର୍ଚ୍ଚନା କରାଯାଏ । ବାଲିଯାତ୍ରା ଦିନ ବାଲିଘର ଉଜୁଡ଼ାଯାଇ ଅଙ୍କୁରିତ ବିହନକୁ ବାହାର କରାଯାଏ । ଏହି ଅଙ୍କୁରିତ ବିହନକୁ ସ୍ଥାନୀୟ ଭାଷାରେ ବାଲିଫୁଲ କୁହାଯାଏ । ଅଙ୍କୁରଣର ସବଳତା ନିରେଖି ସେହି ବର୍ଷର ଫସଲ କିପରି ହେବ, ତାହା ଅନୁମାନ କରାଯାଏ । ବାଲିଫୁଲକୁ ଶୁଭ ବିବେଚନା କରାଯାଇ କେହି କେହି ଚାଷଜମିରେ ପକାନ୍ତି ଅଥବା ଘରେ ସାଇତି ରଖନ୍ତି। ଆଦିବାସୀ ପ୍ରେମିକ ପ୍ରେମିକା ପରସ୍ପରକୁ ବାଲିଫୁଲ ପ୍ରଦାନ କରି ବାଲିଫୁଲ ସମ୍ବୋଧନ କରିବା ସହ ପ୍ରେମ ସଂପର୍କକୁ ସୁଦୃଢ଼ କରିଥାନ୍ତି। ରାତିରେ ସମସ୍ତେ ନାଟ ଦେଖିବା ପରେ ଘରକୁ ଖଜା ନେଇ ଫେରନ୍ତି। ଏହି ମହାନ ପରମ୍ପରାକୁ ନେଇ ସ୍ଥାନୀୟ ଲୋକେ ଗର୍ବ ଅନୁଭବ କରିଥାନ୍ତି।



ଇଷ୍ଟଦେବୀ ବୀରଖମ୍ବ ଠାକୁରାଣୀଙ୍କ ପ୍ରତୀକ ସ୍ୱରୂପ ଲାଠିକୁ ପଟୁଆରରେ ନିଆଯାଉଛି ।

